Bhubaneswar- 21 may 2026
ଭୁବନେଶ୍ୱର- ୨୧ ମେ' ୨୦୨୬
Vol- 1 Issue - 25
ଭାଗ- ୧ ସଂଖ୍ୟା- ୨୫
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
## THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୭୯୨୨୦୧୦୦୭

### ପ୍ରକାଶ ପାଇଲା ଯୁକ୍ତ ୨ ପରୀକ୍ଷା ଫଳ

# ସବୁଥିରେ ଛାତ୍ରୀ ଆଗରେ

- ମୋଟ ପାସ୍ ହାର ୮୫.୮୫%
- କଳାରେ ପାସ୍ ହାର ୮୪.୫୦%,ବାଣିଜ୍ୟରେ ୮୮.୦୭%
- ବିଜ୍ଞାନରେ ପାସ୍ ହାର ୮୮.୮୦% ରହିଛି
- କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷାର ଫଳ ଘୋଷିତ
- ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଦେଇପାରିବେ ଯୁକ୍ତ ୨ ପାସ୍ ଛାତ୍ରଛାତ୍ରୀ



**ଭୁବନେଶ୍ୱର:** ବୁଧବାର ପ୍ରକାଶ ପାଇଛି ଯୁକ୍ତ ଦୁଇ ପରୀକ୍ଷା ଫଳ। ଭୁବନେଶ୍ୱର ସ୍ଥିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟ ପରିସରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୁକ୍ତ ଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷାର ଫଳାଫଳ ଘୋଷଣା କରିଛନ୍ତି। କଳାରେ ପାସ୍ ହାର ୮୪.୫୦% ରହିଛି। କଳାରେ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ୍ ହାର ଅଧିକ ରହିଛି। ଛାତ୍ରଙ୍କ ପାସ୍ ହାର ୭୭.୯୭% ରହିଥିବା ବେଳେ ଛାତ୍ରୀଙ୍କ ପାସ୍ ହାର ୮୯.୪୫% ରହିଛି। କଳାରେ ୫୩ ହଜାର ୧୪୧ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୪୯ ହଜାର ୭୯୭ ଜଣ ଦ୍ୱିତୀୟ ଶ୍ରେଣୀ ଓ ୧ ଲକ୍ଷ ୧୧ ହଜାର ୩୦୮ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୬୧୪ ଜଣ ୯୦% ଓ ତା'ଠାରୁ ଅଧିକ ନମ୍ବର ରଖିଛନ୍ତି। କଳାରେ ସମ୍ବଲପୁର ଜିଲ୍ଲାର ପାସ୍ ହାର ସର୍ବାଧିକ ରହିଛି। ଏଠାରେ ୮୯.୪୮% ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ଅନ୍ୟପକ୍ଷରେ ନବରଙ୍ଗପୁର ଜିଲ୍ଲାରେ ପାସ୍ ହାର ସର୍ବନିମ୍ନ ୭୭.୧୪% ରହିଛି। ବାଣିଜ୍ୟରେ ପାସ୍ ହାର ୮୮.୦୭% ରହିଛି। ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ୍ ହାର ଅଧିକ ରହିଛି। ଛାତ୍ରୀଙ୍କ ପାସ୍ ହାର ୮୬.୬୭% ରହିଥିବା ବେଳେ ଛାତ୍ରୀଙ୍କ ପାସ୍ ହାର ୯୦.୪୩% ରହିଛି। ବାଣିଜ୍ୟରେ ୭ ହଜାର ୬୦୨ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ବେଳେ ୪ ହଜାର ୫୦୭ ଜଣ ଦ୍ୱିତୀୟ ଶ୍ରେଣୀ ଓ ୯ ହଜାର ୧୪୧ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୫୬୮ ଜଣ ୯୦% ଓ ତା'ଠାରୁ ଅଧିକ ନମ୍ବର ରଖିଛି। ବାଣଜ୍ୟରେ ବୌଦ୍ଧ ଜିଲ୍ଲାର ପାସ୍ ହାର ସର୍ବାଧିକ ରହିଛି। ଏଠାରେ ପାସ୍ ହାର ୧୦୦% ରହିଥିବା ବେଳେ ବଲାଙ୍ଗିର ଜିଲ୍ଲାରେ ପାସ୍ ? ହାର ସର୍ବନିମ୍ନ ୭୭.୨୫% ରହିଛି। ବିଜ୍ଞାନରେ ପାସ୍ ହାର ୮୮.୮୦% ରହିଛି। ବିଜ୍ଞାନରେ ମଧ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ୍ ହାର ଅଧିକ। ବିଜ୍ଞାନରେ ଛାତ୍ରଙ୍କ ପାସ୍ ହାର ୮୭.୪୧% ରହିଥିବା ବେଳେ ଛାତ୍ରୀଙ୍କ ପାସ୍ ହାର ୯୦.୨୪% ରହିଛି। ବିଜ୍ଞାନରେ ୬୭ ହଜାର ୪୫୦ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୨୧ ହଜାର ୭୧୭ ଜଣ ଦ୍ୱିତୀୟ ଓ ୧୦ ହଜାର ୪୩ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୫ ହଜାର ୧୦୧ ଜଣ ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ବିଜ୍ଞାନରେ ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ୯୬.୬୩% ଛାତ୍ରଛାତ୍ରୀ ପାସ୍ କରିଥିବା ବେଳେ କୋରାପୁଟରେ ସର୍ବନିମ୍ନ ୭୭.୧୪% ପାସ୍ କରିଛନ୍ତି। ଚଳିତ ବର୍ଷ ଧନ୍ଦାମୂଳକ ଶିକ୍ଷା ପାସ୍ ହାର ୭୭.୮୨% ରହିଛି। ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ୍ ହାର ଅଧିକ ରହିଛି। ଛାତ୍ରଙ୍କ ପାସ୍ ହାର ୭୧.୪୯% ରହିଥିବା ବେଳେ ଛାତ୍ରୀଙ୍କ ପାସ୍ ହାର ୮୩.୪୫ % ରହିଛି। ଧନ୍ଦାମୂଳକ ଶିକ୍ଷାରେ ୯୩୧ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ବେଳେ ୨୨୪୬ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୧୨୫୪ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ନବରଙ୍ଗପୁର ଜିଲ୍ଲାରେ ୧୦୦% ଛାତ୍ରଛାତ୍ରୀ ପାସ୍ କରିଥିବା ବେଳେ ଢେଙ୍କାନାଳ ଜିଲ୍ଲାରେ ସର୍ବନିମ୍ନ ୫୫.୨୨% ପିଲା ପାସ୍ କରିଛନ୍ତି। ମୋଟ ଉପରେ ଚଳିତ ବର୍ଷ ଯୁକ୍ତ ୨ରେ ପାସ୍ ହାର ୮୫.୮୫% ରହିଛି। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ମୋଟ ୩ ଲକ୍ଷ ୯୮ହଜାର ୯୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ପାସ୍ କରିଛନ୍ତି ୩ ଲକ୍ଷ ୮୧ ହଜାର ୭୮୧ ପରୀକ୍ଷାର୍ଥୀ। ଚଳିତ ବର୍ଷ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଦେଇପାରିବେ ଛାତ୍ରଛାତ୍ରୀ। ରେଜଲ୍ଟ ପ୍ରକାଶ ପରେ ଘୋଷଣା କଲେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। କୌଣସି ଗୋଟିଏ ବିଷୟରେ ଇମ୍ପ୍ରୁଭମେଣ୍ଟ ପାଇଁ ଦିଆଯିବ ସୁଯୋଗ। କିନ୍ତୁ ପରୀକ୍ଷାର୍ଥୀ ପାସ୍ କରିଥିବା ଆବଶ୍ୟକ। ଜୁଲାଇ ପ୍ରଥମ ସପ୍ତାହରେ ହେବ ଇମ୍ପ୍ରୁଭମେଣ୍ଟ ପରୀକ୍ଷା। ସୂଚନାଯୋଗ୍ୟ, ଚଳିତ ଥର ଫେବୃଆରୀ ୧୮ରୁ ମାର୍ଚ୍ଚ ୨୮ ତାରିଖ ଯାଏ ଯୁକ୍ତ ଦୁଇ ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

## ଚାନ୍ଦିପୁରରେ ଗର୍ଜିଲା 'ସୂର୍ଯ୍ୟାସ୍ତ୍ର' ରକେଟ୍

### ୩୦୦ କିଲୋମିଟର ଦୂରରେ ଟାର୍ଗେଟ୍‌କୁ କରିବ ଧ୍ୱଂସ



**ଚାନ୍ଦିପୁର :** ଭାରତର ପ୍ରତିରକ୍ଷା କ୍ଷେତ୍ରକୁ ସ୍ୱାବଲମ୍ବୀ କରିବା ଏବଂ 'ଆତ୍ମନିର୍ଭର ଭାରତ' ଅଭିଯାନକୁ ଆଗକୁ ବଢ଼ାଇବା ଦିଗରେ ବୁଧବାର ଏକ ବଡ଼ ସଫଳତା ମିଳିଛି । ଓଡ଼ିଶାର ଚାନ୍ଦିପୁର ସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର ଠାରେ ଘରୋଇ ପ୍ରତିରକ୍ଷା ସଂସ୍ଥା ନିବେ ଲିମିଟେଡ୍ ଦ୍ୱାରା ନିର୍ମିତ ଦୂରଗାମୀ ରକେଟ୍ ପ୍ରଣାଳୀ 'ସୂର୍ଯ୍ୟାସ୍ତ୍ର' ର ସଫଳ ପରୀକ୍ଷଣ କରାଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ରକେଟ୍ ସମ୍ପୂର୍ଣ୍ଣ ସୂକ୍ଷ୍ମତା ଓ ସଠିକତାର ସହ ନିଜର ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଛି । ଏହି ପରୀକ୍ଷଣ ସମୟରେ 'ସୂର୍ଯ୍ୟାସ୍ତ୍ର' ରକେଟ୍ ସିଷ୍ଟମର ଦୁଇଟି ଭିନ୍ନ ସଂସ୍କରଣର ଟ୍ରାଏଲ୍ କରାଯାଇଥିଲା, ଯାହାର ମାରକ କ୍ଷମତା ଯଥାକ୍ରମେ ୧୫୦ କିଲୋମିଟର ଏବଂ ୩୦୦ କିଲୋମିଟର ରହିଛି । ଭାରତୀୟ ସେନା ପକ୍ଷରୁ ଦିଆଯାଇଥିବା ଏକ କ୍ରୟ ଅର୍ଡର ଆଧାରରେ ଏହି ପରୀକ୍ଷଣ କରାଯାଇଛି, ଯାହା ପ୍ରତିରକ୍ଷା କ୍ଷେତ୍ରରେ ଘରୋଇ କମ୍ପାନୀଗୁଡ଼ିକ ଉପରେ ସେନାର ବଢୁଥିବା ଭରସାକୁ ଦର୍ଶାଉଛି ।'ସୂର୍ଯ୍ୟାସ୍ତ୍ର' ହେଉଛି ଏକ ଦୂରଗାମୀ ଗାଇଡେଡ୍ ରକେଟ୍ ଆର୍ଟିଲାରୀ ସିଷ୍ଟମ୍ । ଶତ୍ରୁ ପକ୍ଷର ସୀମା ଭିତରକୁ ପଶି ସେମାନଙ୍କର ପ୍ରମୁଖ ସେନା ଘାଟି, କମାଣ୍ଡ ସେଣ୍ଟର, ରାଡାର୍ ଷ୍ଟେସନ ଏବଂ ଯୋଗାଣ କେନ୍ଦ୍ର ଉପରେ ସଠିକ୍ ଆକ୍ରମଣ କରିବା ପାଇଁ ଏହାକୁ ଡିଜାଇନ୍ କରାଯାଇଛି । ସାଧାରଣ ବା ପାରମ୍ପରିକ ଆର୍ଟିଲାରୀ ସେଲ୍ ତୁଳନାରେ ଏହି ଗାଇଡେଡ୍ ରକେଟ୍ ସମ୍ପୂର୍ଣ୍ଣ ଭିନ୍ନ । ଏଥିରେ ଅତ୍ୟାଧୁନିକ ନେଭିଗେସନ ଏବଂ କଣ୍ଟ୍ରୋଲ ସିଷ୍ଟମ ବ୍ୟବହାର କରାଯାଇଛି, ଯାହାଫଳରେ ରକେଟ୍ଟି ଅତି ଦୂର ଅତିକ୍ରମ କରିବା ପରେ ମଧ ନିଜ ଲକ୍ଷ୍ୟରୁ ସାମାନ୍ୟ ମଧ ବିଚ୍ୟୁତ ହୁଏନାହିଁ । ଭାରତୀୟ ସେନାକୁ ଏକ ଦ୍ରୁତ ଏବଂ ଶକ୍ତିଶାଳୀ ଆକ୍ରମଣ କ୍ଷମତା ଯୋଗାଇବା ସହ ବିଦେଶୀ ମିସାଇଲ୍ ଉପରେ ନିର୍ଭରଶୀଳତା କମାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ।

### ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି

## ଝାରସୁଗୁଡ଼ା ତାପମାତ୍ରା ୪୬ ଛୁଇଁଲା

**ଭୁବନେଶ୍ୱର:** ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ବିଶେଷ କରି ପଶ୍ଚିମ ଓଡ଼ିଶା ଜଳୁଛି। ଆଜି ଝାରସୁଗୁଡ଼ାର ସର୍ବୋଚ୍ଚ ତାପମାତ୍ରା ୪୬ ଡିଗ୍ରୀ ସେଲ୍‌ସିୟସ ଛୁଇଁଛି। ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ ତାଙ୍କ 'ଏକ୍ସ'ରେ ଲେଖିଛନ୍ତି ଯେ ୨୦୨୪ ମସିହା ମେ' ୩୧ ତାରିଖରେ ଝାରସୁଗୁଡ଼ାରେ ପାରଦ ୪୭ ଡିଗ୍ରୀ ଛୁଇଁଥିଲା। ତା'ପୂର୍ବରୁ ୧୯୯୮ ମେ' ୨୮ ତାରିଖରେ ଏଠାକାର ସର୍ବୋଚ୍ଚ ତାପମାତ୍ରା ୪୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିଲା। ସେହିବର୍ଷ ମେ' ୨୪ ତାରିଖରେ ଝାରସୁଗୁଡ଼ାର ସର୍ବୋଚ୍ଚ ତାପମାତ୍ରା ୪୭.୬ ଡିଗ୍ରୀ ରହିଥିଲା। ତା' ପୂର୍ବରୁ ୧୯୭୮ ମସିହା ମେ' ୨୦ ତାରିଖରେ ଝାରସୁଗୁଡ଼ାର ତାପମାତ୍ରା ୪୭.୫ ଡିଗ୍ରୀ ରହିଥିଲା। ୪୬ ଡିଗ୍ରୀ ସହିତ ଝାରସୁଗୁଡ଼ା ଆଜି ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବା ବେଳେ ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୫.୩ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ହୀରାକୁଦର ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ସୋନପୁରର ୪୩.୯, ବରଗଡ଼ର ୪୩.୮, ଟିଟିଲାଗଡ଼ର ୪୩.୫, ତାଳଚେରର ୪୩.୮, ବଲାଙ୍ଗିରର ୪୩.୩, ସୁନ୍ଦରଗଡ଼ର ୪୨.୮, ଅନୁଗୋଳର ୪୨.୧, ନୟାଗଡ଼ର ୪୨, ନୂଆପଡ଼ାର ୪୧.୫, ରାଉରକେଲାର ୪୧.୩, କେନ୍ଦୁଝରର ୪୦.୭, ବାରିପଦାର ୪୦.୭, କେନ୍ଦ୍ରାପଡ଼ାର ୪୦.୨ ଓ ଭଦ୍ରକର ୪୦ ଡିଗ୍ରୀ ସେଲ୍ ?ସିୟସ ରେକର୍ଡ କରାଯାଇଛି। ଗତକାଲି ଝାରସୁଗୁଡ଼ାର ସର୍ବୋଚ୍ଚ ତାପମାତ୍ରା ୪୪.୮ ଡିଗ୍ରୀ ସେଲ୍‌ସିୟସ ରହିଥିଲା। ସେହିପରି ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୩.୬ ଡିଗ୍ରୀ ରହିଥିଲା। ହୀରାକୁଦରେ ଗତକାଲି ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ରହିଥିବା ବେଳେ ଅନୁଗୋଳରେ ୪୩.୬ ଡିଗ୍ରୀ, ବୌଦ୍ଧ ଓ ତାଳଚେରରେ ୪୩, ସୋନପୁରରେ ୪୨.୬, ଟିଟିଲାଗଡ଼ରେ ୪୨.୩, ବଲାଙ୍ଗିରରେ ୪୨.୨, ନୟାଗଡ଼ରେ ୪୧.୯, ସୁନ୍ଦରଗଡ଼ରେ ୪୧.୮, ଭବାନୀପାଟଣାରେ ୪୧.୫ ଓ ବରଗଡ଼ରେ ୪୧ ଡିଗ୍ରୀ ରେକର୍ଡ କରାଯାଇଥିଲା। ଭଦ୍ରକରେ ସର୍ବୋଚ୍ଚ ତାପମାତ୍ରା ୪୦.୨ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ୪୦.୧ ଓ ରାଉରକେଲା ୪୦ ଡିଗ୍ରୀ ରହିଥିଲା। ସେହିପରି ପାରଳାଖେମୁଣ୍ଡି ଓ ନୂଆପଡ଼ାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ରହିଥିଲା।

### ଓଡ଼ିଶା-ଜାପାନ ସମ୍ପର୍କରେ ନୂଆ ଅଧ୍ୟାୟ

## ମଜବୁତ ହେବ ବାଣିଜ୍ୟିକ ସମ୍ପର୍କ

**ଭୁବନେଶ୍ୱର :** ଓଡ଼ିଶା ଏବଂ ଜାପାନ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । କୋଲକାତାରେ ଅବସ୍ଥାପିତ ଜାପାନର କନସୁଲ୍ ଜେନେରାଲ୍ ମିଷ୍ଟର ଇସିକାଓ୍ୱା ୟୋସିହିସା ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଆଗାମୀ ଦିନରେ ଓଡ଼ିଶା ଏବଂ ଜାପାନର 'ତୋତ୍ତୋରି' ରାଜ୍ୟ ମଧ୍ୟରେ ସହଭାଗୀତା ସୃଷ୍ଟି କରାଯାଇ ଦୁଇ ରାଜ୍ୟକୁ 'ସିଷ୍ଟର ଷ୍ଟେଟ୍ସ' ଭାବେ ଗଢ଼ାଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ହୋଇଛି । ଉଭୟ ରାଜ୍ୟ 'ସିଷ୍ଟର ଷ୍ଟେଟ୍ସ' ଭାବେ କାର୍ଯ୍ୟ କରିବେ । ଆଗାମୀ ଦିନରେ ଦୁଇ ଦେଶର ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ପରସ୍ପର ରାଜ୍ୟ ଗସ୍ତ କରିବେ । ପରବର୍ତ୍ତୀ ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ତୋତ୍ତୋରି'ର ରାଜ୍ୟପାଳ ଏହି ପାର୍ଟନରସିପ୍ ସମ୍ପର୍କରେ ଆନୁଷ୍ଠାନିକ ଘୋଷଣା କରିବେ । ଓଡ଼ିଶାର ଯୁବକ ଯୁବତୀମାନେ ଯେପରି ଜାପାନରେ ଅଧିକ ନିଯୁକ୍ତି ପାଇପାରିବେ, ସେଥିପାଇଁ ଜାପାନର ପ୍ରମୁଖ ରିକ୍ରୁଟମେଣ୍ଟ ଏଜେନ୍ସିଗୁଡ଼ିକ ଓଡ଼ିଶାରେ କାମ କରିବେ ଏବଂ ଆବଶ୍ୟକ ସହଯୋଗ ଯୋଗାଇଦେବେ । ଓଡ଼ିଶାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପରେ ଜାପାନର ସହଯୋଗକୁ ମୁଖ୍ୟମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି । ଆଗାମୀ ଦିନରେ ଜାପାନ ଓଡ଼ିଶାରେ ଅଧିକ ନିବେଶ କରି ଶିଳ୍ପାୟନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ଉଭୟ ଜାପାନ ଓ ଓଡ଼ିଶା ମଧ୍ୟରେ ଥିବା ଐତିହାସିକ କଳା, ସାଂସ୍କୃତିକ ସମ୍ପର୍କ ଏବଂ ଓଡ଼ିଶାର ପ୍ରସିଦ୍ଧ 'ବୁଦ୍ଧିଷ୍ଟ ସର୍କିଟ୍' ସହ ଅନ୍ୟାନ୍ୟ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀର ବିକାଶ ଉପରେ କନସୁଲ ଜେନେରାଲ୍ ଗୁରୁତ୍ୱାରୋପ କରିଛନ୍ତି ।'ଓଡ଼ିଶାର ସାମାଜିକ ଓ ଆର୍ଥିକ ବିକାଶ ଉଦ୍ୟମରେ ଜାପାନ ସବୁବେଳେ ସହଯୋଗ କରିବାକୁ ପ୍ରସ୍ତୁତ ଅଛି।' ବୋଲି ଜାପାନ କନସୁଲ ଜେନେରାଲ କହିଛନ୍ତି । ଏହି ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟତଃ ବାଣିଜ୍ୟ ଓ ପୁଞ୍ଜିନିବେଶ, ଆଧୁନିକ ଟେକ୍ନୋଲୋଜି ଆଦାନପ୍ରଦାନ, ପର୍ଯ୍ୟଟନ ଏବଂ ବୁଦ୍ଧିଷ୍ଟ ସର୍କିଟ୍ ପ୍ରସାର, ଉଚ୍ଚଶିକ୍ଷା କ୍ଷେତ୍ରରେ ସହଭାଗୀତା କ୍ଷେତ୍ରଗୁଡ଼ିକର ବିକାଶ ଏବଂ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ସହମତି ପ୍ରକାଶ ପାଇଛି ।

### ରଥଖଳା ହାଲଚାଲ...

## ତିନିରଥର ଗରଗରା ଚଉପଟ କାର୍ଯ୍ୟ ଆଗେଇ ଚାଲିଛି



**ପୁରୀ:** ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରା ଜୁଲାଇ ୧୬ ରେ । ରଥଖଳାରେ ତିନିରଥ ନିର୍ମାଣ କାର୍ଯ୍ୟରେ ନିମଗ୍ନ ବିଶ୍ୱକର୍ମା ମହାରଣା । ବୁଧବାର ୩୦ ତମ ଦିବସରେ ତିନି ରଥର ଆରମ୍ଭ ହୋଇଛି ଗରାଗରା ଚଉପଟ କାର୍ଯ୍ୟ । ଗରଗରା ନିର୍ମାଣ ପାଇଁ ଆଜି ଅପରାହ୍ନରେ ରଥ ଅମୀନ ଶ୍ରୀ ଲକ୍ଷ୍ମଣ ମହାପାତ୍ର ଭୋଇ ସେବକଙ୍କ ସହାୟତାରେ ତିନି ରଥ ଚାଳି କୁ ଯୋଗାଇ ଦେଇଛନ୍ତି ୧୪:୧୬ ସାଇଜର ଗରଗରା ନିର୍ମାଣ ପାଇଁ ଦୁଇଟି ଲେଖାଏଁ ୨୦ ଫୁଟିଆ ଧଉରା କାଠ। ତିନି ରଥର ମହାରଣା ସେବକ ମାନେ ଉକ୍ତ ୨୦ ଫୁଟିଆ ଧଉରା କାଠ ର ଚଉପଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ତିନି ରଥର ଅଖ ନିର୍ମାଣ ପାଇଁ ରଥ ଖଳାରେ କାଠ ସାଇତା ଶେଷ ହୋଇଛି । ଆସନ୍ତାକାଲି ତିନି ରଥର ବାକି ଅଖ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ, ଆଜି ରଥ ଅମୀନ ଭୋଇ ସେବକଙ୍କ ସହାୟତାରେ ଅଖ ନିର୍ମାଣ ପାଇଁ ତିନି ରଥ ପାଇଁ ଆବଶ୍ୟକ ୪୦ ଫୁଟିଆ ଧଉରା କାଠ ଯୋଗାଇ ଦେଇଛନ୍ତି ।ଆସନ୍ତା କାଲି ଆରମ୍ଭ ହେବ ଭୂଇଁ ଚଉତା ରେ ପାଖୁଡ଼ା ବିନ୍ଧ ସହ ଖମ୍ବୀ ବିନ୍ଧ ଏଥିସହ ଚଉପଟ ହୋଇ ରହିଥିବା ତିନିରଥର ୧୨ ଟି ଲେଖାଏଁ ଭୂଇଁ ଚଉତା ରେ ଶେଷ ହୋଇଛି ବିନ୍ଧ ମାପ ଚିହ୍ନ। ଆସନ୍ତାକାଲି ତିନିରଥର ମହାରଣାମାନେ ଆରମ୍ଭ କରିବେ ଭୂଇଁ ଚଉତା ରେ ପାଖୁଡ଼ା ବିନ୍ଧ ସହ ଖମ୍ବୀ ବିନ୍ଧ। ରୂପକାର ସେବକ ମାନେ ତିନି ରଥର ସାଲ ଗୁଜ ରେ ରୂପ ଖୋଦେଇ ସହ ଶେଷ ହୋଇଥିବା ରୂପ ଗୁଡ଼ିକର ପଲିସ୍ କାର୍ଯ୍ୟ ଏବଂ ରୂପରେ ଅଳଙ୍କାର ପକା କାର୍ଯ୍ୟ ଜାରୀ ରଖିଛନ୍ତି କରତୀ ସେବକ ମାନେ ଜାରୀ ରଖିଛନ୍ତି ତାଳଧ୍ୱଜ ରଥର ପୋଲ ଗୟଳ ଚିତା କାର୍ଯ୍ୟ, ଚିରଟ ପୂର୍ବରୁ ୪୦ ଫୁଟିଆ ଧଉରା କାଠର ଉଭୟ ପଟର ଚିତା କାର୍ଯ୍ୟ ଉଭୟ ପଟକୁ ବାରିକିରେ ହାଣି ସମତଳ କାର୍ଯ୍ୟ ଆସନ୍ତା କାଲି ତାଳଧ୍ୱଜ ରଥ ପୋଲ ଗୟଳ ଟ ଚିରତ କାର୍ଯ୍ୟ ଆରମ୍ଭ କରିବେ କରତି ସେବକ ମାନେ। ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ତିନିରଥର ଅଖ ଦଣ୍ଡା ବିଡିଆ ଏବଂ ଅଗ ପାତେଳୀ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ଦୋଳବେଦୀ ଠାରେ ସ୍ନାନ ଯାତ୍ରା ଏବଂ ରଥ ଯାତ୍ରା ରେ ରଥ ଉପରେ ମହାପ୍ରଭୁଙ୍କ ପୂଜାରେ ଆବଶ୍ୟକ କାଠ ନିର୍ମିତ ଉପକରଣ ମାନ ନିର୍ମାଣ କାର୍ଯ୍ୟ ଜାରୀ ରଖିଛନ୍ତି।

### ଅବୈଧ ସମ୍ପର୍କ ସନ୍ଦେହ ହେଲା କାଳ

## ଯୁବକଙ୍କୁ ପିଟି ପିଟି ନିର୍ମମ ହତ୍ୟା

**ଝାରସୁଗୁଡା:** ପରକୀୟା ପ୍ରୀତି ସନ୍ଦେହକୁ କେନ୍ଦ୍ର କରି ଝାରସୁଗୁଡା ଜିଲାରେ ଏକ ଅଭାବନୀୟ ତଥା ହୃଦୟବିଦାରକ ହତ୍ୟାକାଣ୍ଡ ଘଟିଯାଇଛି । ମା' ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ଅନୈତିକ ସମ୍ପର୍କ ରଖିଥିବା ସନ୍ଦେହ କରି ଜଣେ ପୁଅ ତାର ସହଯୋଗୀମାନଙ୍କ ସହ ମିଶି ସଂପୃକ୍ତ ବ୍ୟକ୍ତିଙ୍କୁ ନିର୍ମମ ଭାବେ ହତ୍ୟା କରିଛି । ଝାରସୁଗୁଡା ସଦର ଥାନା ଅନ୍ତର୍ଗତ ସରବାହାଲର ରୋହିଦାସପଡା (ନୂଆପଡ଼ା) ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ଏହି ବିଭତ୍ସ ହତ୍ୟାକାଣ୍ଡ ଘଟିଛି । ମୃତ ଯୁବକ ଜଣକ ହେଲେ ସରବାହାଲ ନୂଆପଡ଼ାରେ ରହୁଥିବା ସୁନ୍ଦର ରୋହିଦାସ (୪୨) ।ଏହି ସମ୍ବେଦନଶୀଳ ଘଟଣାରେ ସଦର ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତ ସମେତ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନୂଆପଡ଼ାର ହିତେଶ ରୋହିଦାସ (୧୯), ତାଙ୍କ ବଡ଼ ଭାଇ ଲିଙ୍ଗରାଜ ରୋହିଦାସ ଓରଫ ଲିଙ୍ଗା (୨୦) ଏବଂ ସାରସମାଲ ଅଞ୍ଚଳର ମଙ୍ଗଳ ସାହୁ (୧୮) । ଝାରସୁଗୁଡା ଏସ.ପି. ଜି.ଆର. ରାଘବେନ୍ଦ୍ରଙ୍କ ସୂଚନା ଅନୁଯାୟୀ, ମୁଖ୍ୟ ଅଭିଯୁକ୍ତ ହିତେଶ ଓ ଲିଙ୍ଗରାଜଙ୍କ ମା'ଙ୍କ ସହ ମୃତ ସୁନ୍ଦର ରୋହିଦାସଙ୍କ ଅନୈତିକ ସମ୍ପର୍କ ଥିବା ନେଇ ହିତେଶ ବାରମ୍ବାର ସନ୍ଦେହ କରୁଥିଲେ। ଏଥିପାଇଁ ହିତେଶ ପୂର୍ବରୁ ସୁନ୍ଦରଙ୍କୁ ଅନେକ ଥର ଚେତାବନୀ ଦେବା ସହ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ ସୁନ୍ଦର କୌଣସି କଥା ମାନିନଥିଲେ। ମଙ୍ଗଳବାର ବିଳମ୍ବିତ ରାତି ମଧ୍ୟରେ ଏହି ଗଣ୍ଡଗୋଳ ଉଗ୍ର ରୂପ ନେଇଥିଲା। ସୁନ୍ଦର ନିଜ ଘରେ ଶୋଇଥିବା ବେଳେ ତିନି ଅଭିଯୁକ୍ତ ଘର ଭିତରକୁ ପ୍ରବେଶ କରିଥିଲେ। ସେମାନେ ପ୍ରଥମେ ଲାଠିରେ ତାଙ୍କୁ ଅମାନୁଷିକ ଭାବେ ମାଡ଼ ମାରିଥିଲେ। ଏହାପରେ ମୁଖ୍ୟ ଅଭିଯୁକ୍ତ ହିତେଶ ଏକ ସାଇକେଲ କ୍ରାଙ୍କର ପେଡାଲ ଲୁହାରେ ସୁନ୍ଦରଙ୍କ ମୁଣ୍ଡକୁ ପିଟି ପିଟି ନିର୍ମମ ଭାବେ ଆକ୍ରମଣ କରିଥିଲେ। ଘଟଣା ଘଟାଇବା ପରେ ତିନି ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲେ ।ଘଟଣା ବିଷୟରେ ଖବର ପାଇ ସଦର ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତ ଅବସ୍ଥାରେ ସୁନ୍ଦରଙ୍କୁ ଉଦ୍ଧାର କରି ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହତ୍ୟାକାଣ୍ଡର ତଦନ୍ତ ପାଇଁ ଝାରସୁଗୁଡା ଏସ.ପି ଜି.ଆର. ରେଡ୍ଡୀ, ଏସ.ଡ଼ି.ପି.ଓ ଉମାଶଙ୍କର ସିଂ ଏବଂ ସଦର ଥାନା ଆଇ.ଆଇ.ସି. ସ୍ୱପ୍ନାରାଣୀ ଗୋଛାୟତ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୋଲିସ ସହ ଏକ ସାଇଣ୍ଟିଫିକ ଟିମ୍ ମଧ ପହଞ୍ଚି ପ୍ରମାଣ ସଂଗ୍ରହ କରିବା ସହ ହତ୍ୟାରେ ବ୍ୟବହୃତ ଅସ୍ତ୍ର ଓ ସାଇକେଲ କ୍ରାଙ୍କକୁ ଜବତ କରିଛି ।

### ୭ ବିଭାଗର ୧୦ ପ୍ରସ୍ତାବକୁ ମଞ୍ଜୁରି

## ଆଇନ ବହିରେ ଆଉ ରହିବନି ୩୫୮ ଅଧିନିୟମ



**ଭୁବନେଶ୍ୱର :** ୪୦ତମ କ୍ୟାବିନେଟ୍‌ରେ ୧୦ଟି ପ୍ରସ୍ତାବକୁ ମିଳିଛି ମଞ୍ଜୁରୀ । ୭ଟି ବିଭାଗର ୧୦ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । କ୍ୟାବିନେଟ୍ ବୈଠକ ପରେ ସୂଚନା ଦେଇଛନ୍ତି ମୁଖ୍ୟ ଶାସନ ସଚିବ । ଆଇନ ବିଭାଗର ୩୫୮ଟି ଆମେଣ୍ଡମେଣ୍ଟ ଆକ୍ଟ ଉଚ୍ଛେଦ କରାଯାଇଛି । ଲ' କମିଶନଙ୍କ ରିପୋର୍ଟ ଆଧାରରେ ଉଚ୍ଛେଦ ହୋଇଛି । ଜିଲ୍ଲା ଏବଂ ସିଭିଲ୍ କୋର୍ଟ ଅଣ-ନ୍ୟାୟିକ କର୍ମଚାରୀ ସେବା ନିୟମ ସଂଶୋଧନ କରାଯାଇଛି । ହାଇକୋର୍ଟ ଓ ଜିଲ୍ଲା କୋର୍ଟ ମ୍ୟାନେଜରଙ୍କ ସେବାକୁ ନିୟମିତକରଣ ପାଇଁ ନୂଆ ବ୍ୟବସ୍ଥା ଅଣାଯାଇଛି । ମତ୍ସ୍ୟ ଆଇନ୍ ବଦଳିବ, ୮୫୪ କୋଟିର ଗ୍ରିଡ୍, ୩୫୮ ଆଇନ୍ ରଦ୍ଦ । ସମୁଦ୍ରରୁ ସୁପ୍ରିମ୍ କୋର୍ଟ, କୋର୍ଟରୁ କରେଣ୍ଟ ଯାଏଁ ବଦଳିଲା ନିୟମ । ଚାଷୀଙ୍କ ଉଙ୍ଗାରୁ ଯୁବକଙ୍କ ଚାକିରି ପାଇଁ ସରକାର ପ୍ରସ୍ତୁତ ଥିବା ନେଇ ଅନୁ ଗର୍ଗ ସୂଚନା ଦେଇଛନ୍ତି । ମେରିନ୍ ଫିସିଂ ରେଗୁଲେସନ୍ ୧୯୮୨ ରିପ୍ଲେସ୍ - ନୂଆ 'ଓଡ଼ିଶା ମେରିନ୍ ଫିସିଂ ରେଗୁଲେସନ୍ ଆକ୍ଟ ୨୦୨୬' ଆସିବ । ମତ୍ସ୍ୟଜୀବୀ ସୁରକ୍ଷା ପ୍ରାଥମିକତା - ସମୁଦ୍ରରେ ସୁରକ୍ଷା ଓ ସାମୁଦ୍ରିକ ସମ୍ପଦ ସଂରକ୍ଷଣ - ବେଆଇନ୍ ମାଛଧରା ବନ୍ଦ - ଇଲିଗାଲ୍ ଫିସିଂ ଆକ୍ଟିଭିଟି ଉପରେ କଡା ରୋକ୍ - ଟେକ୍ନୋଲୋଜି ବ୍ୟବହାର - ମନିଟରିଂ ଓ ସଂରକ୍ଷଣ ପାଇଁ ନୂଆ ଟେକ୍ - ପାରମ୍ପରିକ ମତ୍ସ୍ୟଜୀବୀଙ୍କୁ ଲାଭ - ସେମାନଙ୍କ ମନିଟରିଂ ବ୍ୟବସ୍ଥା ସୁଧାର ।- କୋର୍ଟ ମ୍ୟାନେଜର ପଦବୀ ନିୟମିତ - ସୁପ୍ରିମ୍ କୋର୍ଟ ନିର୍ଦ୍ଦେଶରେ ହାଇକୋର୍ଟ ଓ ଜିଲ୍ଲା କୋର୍ଟରେ ନିଯୁକ୍ତି ।- ଗ୍ରୁପ୍ ଡ଼ି ରୁ ଜୁନିଅର୍ କ୍ଲର୍କ - କୋର୍ଟ ନନ୍-ଜୁଡିସିଆଲ୍ ଷ୍ଟାଫଙ୍କୁ ପ୍ରମୋସନ୍ ରାସ୍ତା ଖୋଲିଲା । - ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ - ଅଲଗା ଡାଇରେକ୍ଟୋରେଟ୍ ଗଠନ, ଷ୍ଟାଫ୍ ଓ ଟେକ୍ନିକାଲ୍ ପୋଷ୍ଟ ପୂରଣ । - ଆର୍କିଓଲୋଜିକାଲ୍ କ୍ୟୁରେଟର୍ ସର୍ଭିସ୍ ରୁଲ୍ ୨୦୨୬ - ନିଯୁକ୍ତି ଓ ପଦୋନ୍ନତି ନିୟମ ତିଆରି -ଏସସିଏସଟି ବିଭାଗ - ମିନିଷ୍ଟେରିଆଲ୍ ନିଯୁକ୍ତି ନିୟମ ବଦଳିଲା, ସର୍କଲ୍ ଇନ୍‌ସ୍ପେକ୍ଟରଙ୍କ ପଦୋନ୍ନତି ସହଜ । ୮୫୪ କୋଟିର ପାୱାର୍ ପ୍ରୋଜେକ୍ଟ - ଓପିଟିସିଏଲ ୪୦୦ କଠ ଗ୍ରିଡ୍ ଷ୍ଟେସନ୍ ଓ ଟ୍ରାନ୍ସମିସନ୍ ଲାଇନ୍ କରିବ । - ଥର୍ମାଲ୍ ପଲିସି ସଂଶୋଧନ - ଭବିଷ୍ୟତ ଆଇପିପିରୁ ରାଜ୍ୟକୁ ୫% ବିଜୁଳି ମିଳିବ, ଆଗରୁ ୧୪%/୧୨% ଥିଲା । - ପେଟ୍ରୋଲ୍ ପମ୍ପ ଲାଇସେନ୍ସ ସହଜ - ୧୯୭୯ ହାଇ ସ୍ପିଡ୍ ଡିଜେଲ୍ ଅର୍ଡର ରିପିଲ୍, ୨୦୨୬ ନୂଆ ଅର୍ଡର - ରବସ୍ୱର କ୍ଟଲ ଉକ୍ଟସଭଶ ଇଙ୍କସ୍ୱସଭରସ୍ୱେସ୍ୱ - ରିଟେଲ୍ ସେଲ୍ ଲାଇସେନ୍ସ ଆଉ ଦରକାର ନାହିଁ, କଲେକ୍ଟର ଏନଓସି ଯଥେଷ୍ଟ ।୪୦୦କେଭି ଗ୍ରିଡ୍ - ମେଡିକାଲ୍ କଲେଜ୍, ହସ୍ପିଟାଲ୍‌ରେ ୨୪ଘଂ୭ ବିଜୁଳି ସୁନିଶ୍ଚିତ । - ପାୱାର୍ ପ୍ଲାଣ୍ଟରେ ପରିବେଶ ନିୟମ କଡା - ୩୫୮ ଆଇନ୍ ରଦ୍ଦ - ଅପ୍ରାସଙ୍ଗିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପୁରୁଣା ଆଇନ୍ ବି ଯିବ - କୋର୍ଟ କାମ ଦ୍ରୁତ - ମେଡିକାଲ୍ ନେଗ୍ଲିଜେନ୍ସ କେସ୍ ଶୀଘ୍ର ସମାଧାନ - ଡିଜେଲ୍ ସହଜ - ଆମ୍ବୁଲାନ୍ସ ଓ ମେଡିକାଲ୍ ଭ୍ୟାନ୍ ପାଇଁ ଇନ୍ଧନ ସମସ୍ୟା କମିବ। ମହିଳା । ନିଯୁକ୍ତି ଓ ସୁରକ୍ଷା କୋର୍ଟ ପ୍ରମୋସନ୍ - ମହିଳା ଗ୍ରୁପ୍-ଡ କର୍ମଚାରୀ ଜୁନିଅର୍ କ୍ଲର୍କ ହୋଇପାରିବେ ମେରିନ୍ ଫିସିଂ ଆଇନ୍ - ମହିଳା ମତ୍ସ୍ୟଜୀବୀଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରତ୍ନତତ୍ତ୍ୱ ବିଭାଗ - ନୂଆ ନିଯୁକ୍ତିରେ ମହିଳାଙ୍କୁ ସୁଯୋଗ ଏସଏଚଜି ଲିଙ୍କ୍ - ପାୱାର୍ ପ୍ରୋଜେକ୍ଟରୁ ଏସଏଚଜି ଚାଲୁଥିବା ୟୁନିଟ୍‌କୁ ନିରବଚ୍ଛିନ୍ନ ବିଜୁଳି ପୁରୁଣା ଆଇନ୍ ରଦ୍ଦ - ମହିଳା ବିରୋଧୀ ପୁରୁଣା ଧାରା ସମାପ୍ତ କ୍ୟାବିନେଟ୍‌ରେ ଏସସିଏସଟି ବିଭାଗରୁ ବଡ଼ ଘୋଷଣା ।

## ସମ୍ପାଦକୀୟ

# ବାରମ୍ବାର ହତ୍ୟା ଉଦ୍ୟମ !

ଆମେରିକାର ରାଷ୍ଟ୍ରପତିଙ୍କ ଉପରେ ଏବେ ବୋଧହୁଏ କାହାର ବୁରା ନଜର ଲାଗିଯାଇଛି। କାରଣ ବାରମ୍ବାର ତାଙ୍କୁ ଲକ୍ଷ୍ୟ କରାଯାଇ ଗୁଳି ଫୁଟାଯାଉଛି। କେବଳ ତାଙ୍କୁ ଲକ୍ଷ୍ୟ କରାଯାଇ ଗୁଳି ଯାଉଛି ହେଲେ ଗୁଳି କିନ୍ତୁ କେବେ ବି ବାଜୁନି ତାଙ୍କ ଦେହରେ। ଏଥିରୁ ଯାହା ମନେ ହେଉଛି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବେଳା ଭଲ ଅଛି ନିଶ୍ଚୟ। ଏଇଥିପାଇଁ ଯେ ରାଷ୍ଟ୍ରପତି ମିଷ୍ଟର ଟ୍ରମ୍ପଙ୍କ ଦେହରେ ଗୁଳି ବାଜୁନି କିନ୍ତୁ ତାଙ୍କୁ ଲକ୍ଷ୍ୟ କରାଯାଇ ଥରେ କି ଦୁଇ ଥର ନୁହେଁ, ଚାରି ଚାରି ଥର ବନ୍ଧୁକରୁ ଗୁଳି ବହାରି ଗଲାଣି ଅଥଚ ଗୁଳି କିନ୍ତୁ ତାଙ୍କ ଦେହରେ ବାଜୁନି। ତାଙ୍କ୍ କଡ଼ରେ ଗଳି ପଶି ପଳାଇଯାଉଛି ଗୁଳି କିନ୍ତୁ ସୁଟର୍ ତା'ର ଲକ୍ଷ୍ୟ ଭେଦ କରିପାରୁନି। ଯେଉଁମାନେ ଆମେରିକା ରାଷ୍ଟ୍ରପତିଙ୍କୁ ଗୁଳି କରୁଛନ୍ତି, ସେମାନେ ବି ନିଶ୍ଚୟ ହୋଇଥିବେ ସାର୍ପ ସୁଟର୍ । ତଥାପି ଫେଲ୍ ମାରୁଛି ଯୋଜନା । ଗୁଳିଚାଳକ ଫେଲ୍ ମାରୁଛି କି ଗୁଳି ଫେଲ୍ ମାରୁଛି, ତାହା ବି ଏବେ ଚର୍ଚ୍ଚାର ବିଷୟ ପାଲଟିଛି। କେହି କେହି ଏମିତି ବି ବ୍ୟଙ୍ଗ କରୁଛି ଯେ ଗୁଳି କାଳେ ବାଟ ଭାଙ୍ଗି ଚାଲିଯାଉଛି ଆମେରିକୀ ରାଷ୍ଟ୍ରପତିଙ୍କ ପଡିଆରାରେ ଡରିଯାଇ। ଆମେରିକା ରାଷ୍ଟ୍ରପତିଙ୍କୁ ଏମିତି ବ୍ୟଙ୍ଗ କରିବାର ଦୁଃସାହସ କିଏ ବା କରିପାରିବ। ଏଣୁ ଆମେରିକାର ରାଷ୍ଟ୍ରପତି ଭଳି ବିଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ପ୍ରତି କିମ୍ବା ସେଥିରେ ଅବସ୍ଥାପିତ ରାଷ୍ଟ୍ରପତିଙ୍କ ପ୍ରତି କିଛି ବି ଅଶାଳୀନ ମନ୍ତବ୍ୟ ପ୍ରଦାନ କରିବା କେବେ ବି ସେତେ ସହଜ ଘଟଣା ହୋଇନପାରେ କିନ୍ତୁ ଗୋଟାକ ପରେ ଗୋଟାଏ ଗୁଳିକାଣ୍ଡ ଘଟଣା ସେ ତଥ୍ୟକୁ ଭୁଲ୍ ପ୍ରମାଣିତ କରୁଛି। ଇଂଗ୍ରାଜୀରେ ଥିବା ସେହି ପୂର୍ବ ପଂକ୍ତିକୁ ମନେ ପକାଇ ଦେଉଛି। ନଥିଙ୍ଗ ଇଜ୍ ଇମ୍ପସିବଲ୍ ଇନ୍ ଦି ୱାର୍ଲ୍ଡ। ଅର୍ଥାତ୍ ଦୁନିଆରେ କିଛି ବି ଅସମ୍ଭବ ନୁହେଁ। ଯୋଉଠି ଚାରି ଚାରି ଥର ଗୁଳି ଫୁଟିଗଲାଣି, ସେଭଳି କ୍ଷେତ୍ରରେ ଆଉ ଥରେ କି ଦୁଇଥର ଗୁଳି ଫୁଟିବାରେ ଅସୁବିଧା କେଉଁଠି ? ତଥ୍ୟ ଯାହା କହୁଛି ଚଳିତ ମାସ ୨୫ ତାରିଖର ଇଭିନିଙ୍ଗ୍ ଡିନର ପାର୍ଟି, ଯାହାକି ହ୍ୱାଇଟ୍ ହାଉସ୍ କର୍ମଚାରୀ ତଥା କରେନ୍ସପଣ୍ଡେଣ୍ଟମାନଙ୍କ ପାଇଁ ଆୟୋଜନ କରାଯାଇଥିଲା। ସ୍ଥାନ ୱାସିଙ୍ଗଟନ୍ ଡି.ସିରେ ଥିବା ହୋଟେଲ୍ ହିଲଟନ୍ । ଅତି ସୁରୁଖୁରୁରେ ଚାଲିଥିଲା ପାର୍ଟି। ହେଲେ ହଠାତ୍ ଫୁଟିଲା ଗୁଳି ..ଏଥିରୁ ଯାହା ଜଣାପଡୁଛି ଯେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବେଳା ବିଗିଡ଼ିଯାଇଛି ନିଶ୍ଚୟ। ଏଇଥିପାଇଁ ଯେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଦେହରେ ଗୁଳି ବାଜୁନି ସତ କିନ୍ତୁ ତାଙ୍କୁ ହିଁ ଲକ୍ଷ୍ୟ କରି କରାଯାଇଥିବା ଗୁଳି ଶବ୍ଦରେ କିନ୍ତୁ ପୂରା ଥରି ଯାଇଥିଲା ହୋଟେଲ୍ ହିଲଟନ୍। ତେବେ ଥରେ,ଦୁଇ ଥର କି ତିନିଥର ନୁହେଁ, କ୍ରମାନ୍ୱୟରେ ଚାରି ଥର ଆତତାୟୀଙ୍କ ବନ୍ଧୁକରୁ ଗୁଳି ବାହାରି ଗଲାଣି ତେବେ ଗୁଳି କିନ୍ତୁ ବାଜୁନି ତାଙ୍କ ଦେହରେ। ରାଷ୍ଟ୍ରପତିଙ୍କ୍ କଡ଼ରେ ଗଳି ପଶି ପଳାଇଯାଉଛି ଗୁଳି ସୁଟର୍ କିନ୍ତୁ ତା'ର ଲକ୍ଷ୍ୟ ଭେଦ କରିପାରୁନି। ଆମେରିକା ରାଷ୍ଟ୍ରପତିଙ୍କୁ ଗୁଳି କରୁଥିବା ଲୋକମାନେ ତ ସାର୍ପ ସୁଟର ତେବେ କେଉଁ କାରଣରୁ ସେମାନେ ତାଙ୍କ ଲକ୍ଷ୍ୟଭେଦରେ ସଫଳ ହୋଇପାରୁନାହାଁନ୍ତି ସାର୍ପ ସୁଟର୍ ? କେଉଁ କାରଣରୁ ଫେଲ୍ ମାରୁଛି ଯୋଜନା ? ବର୍ତ୍ତମାନ ପରିପ୍ରେକ୍ଷୀରେ ଏ ସବୁ ପ୍ରଶ୍ନ କେବେ ବି ସେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ, କିଏ ବି ହୋଇପାରନ୍ତି ଆମେରିକୀ ରାଷ୍ଟ୍ରପତିଙ୍କ ଶତ୍ରୁ ଏବଂ କିଏ ବା କାହିଁକି ମାରିବାକୁ ଚାହୁଁଛି ତାଙ୍କୁ ? ଏହା ହିଁ ହେଉଛି ବର୍ତ୍ତମନ ସମୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଯାହକୁ ନେଇ ସାରା ବିଶ୍ୱରେ ଏବେ ଚର୍ଚ୍ଚା ଜୋର୍ ଧରିଛି। ତେବେ ତଥ୍ୟ ଯାହା କହୁଛି, ଆମେରିକା ରାଷ୍ଟ୍ରପତିଙ୍କୁ ପ୍ରଥମ ଥର ପାଇଁ ୧୩ ଜୁଲାଇ ୨୦୨୪ରେ ଗୁଳି ଚାଳନା କରାଯାଇଥିଲା ପେନସିଲ୍‌ଭାନିଆର ବଟଲର୍ ରାଲୀରେ ହୋଇଥିବା ଗୁଳି ଯାହା ତାଙ୍କ ଡାହାଣ କାନକୁ ସ୍ପର୍ଶ କରି ଚାଲିଯାଇଥିଲା। ମାତ୍ର ଅଳ୍ପକେ ବର୍ତ୍ତିଯାଇଥିଲେ ଆମେରିକାାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଦ୍ୱିତୀୟରେ ସେହିବର୍ଷ ୧୫ ସେପ୍ଟେମ୍ବରରେ ଟ୍ରମ୍ପ ଏକ ଇଣ୍ଟର ନାସନାଲ୍ ଗଲ୍ଫ କ୍ଲବ ୱେଷ୍ଟ ପାମ୍ ବିଚ୍‌ରେ ଥିବା , ସେଠାରେ ଗଲ୍ଫ ଖେଳୁଥିବା ବେଳେ ନିକଟସ୍ଥ ଏକ ବୁଦାମୂଳରେ ଜଣେ ବନ୍ଧୁକଧାରୀ ଜଗିରହିଥିଲା ଟ୍ରମ୍ପଙ୍କୁ ମାରିବା ପାଇଁ। ହେଲେ କିଛି ବି କ ଅଘଟଣ ଘଟିବା ପୂର୍ବରୁ ଟ୍ରମ୍ପ ଙ୍କ୍ ସୁରକ୍ଷାକର୍ମୀ କୌଶଳକ୍ରମେ ଅଭିଯୁକ୍ତକୁ କାବୁ କରିନେଇଥିଲେ ଅତି ଚତୁରତାର ସହ। ତେବେ ୨୦୧୬ରେ ଲାସ୍ ଭେଗାସରେ ଏକ ନିର୍ବାଚନୀ ପ୍ରଚାର ରାଲୀରେ ଜଣେ ବ୍ରିଟିଶ୍ ନାଗରିକ ମାଇକେଲ୍ ସାଣ୍ଡଫୋର୍ଡ ମଧ୍ୟ ଟ୍ରମ୍ପଙ୍କୁ ଗୁଳିମାଡ଼ କରିଥିଲା। ହେଲେ ସେଠାରେ ମଧ୍ୟ ବର୍ତ୍ତିଯାଇଥିଲେ ଟ୍ରମ୍ପ ଏବଂ ଶେଷରେ ଏପ୍ରିଲ୍ ୨୫ ତାରିଖରେ ୱାସିଂଟନ୍ ସ୍ଥିତ ହୋଟେଲ୍ ହିଲଟନ୍‌ରେ ଜଣେ ସଫ୍ଟୱେର ପ୍ରଫେସନାଲ ମିଷ୍ଟର ..ଟ୍ରମ୍ପଙ୍କୁ ଗୁଳିକରି ହତ୍ୟା କରିବାର ବିଫଳ ପ୍ରଚେଷ୍ଟା କରିଥିଲା। ତେବେ କାହିଁକି ? ଏହା ବଡ଼ ପ୍ରଶ୍ନ। ତେବେ ଆମେରିକାର ସୁରକ୍ଷା ଏଜେନ୍‌ସୀ ଏବଂ ଏଫ୍ ବି ଆଇ ଉଭୟ ଏବେ ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥା କୁ ଅତି ସ୍ୱତନ୍ତ୍ର କରିବାର କିଛି ନୂଆ ଯୋଜନ ପ୍ରସ୍ତୁତ କରୁଛନ୍ତି। ସେମାନେ ଏବେ ଲେଭଲ ୧ ସୁରକ୍ଷା ବ୍ୟବସ୍ଥା ଲାଗୁ କରିବାକୁ ଯାଉଛନ୍ତି।

# ରାନୀ-ମାନୀ

ପାସ୍ ଫେଲ୍ ତ ଲାଗି ରହିଛି ଜୀବନରେ। ହାର୍ ଜିତ୍ ଲାଗି ରହିଛି। ଲାଗି ରହିଛି। କିଏ ପାସ୍ ହେଲା ତ କିଏ ଫେଲ୍ । ଜିତିବାବାଲା ତ ଜିତିଲେ, ହେଲେ ହାରିବାବଲା କିନ୍ତୁ ବିଗିଡ଼ିଗଲେ। ଫେଲ୍ ହୋଇଥିବା ପିଲାମାନଙ୍କୁ ସମସ୍ତେ ଚିଡ଼ାଇଲେ। ଗାଁ ସ୍କୁଲ୍‌ରେ ଦୁଇ ବନ୍ଧୁ ପଢୁଥିଲେ । ଜଣେ ରାମ ତ ଆଉ ଜଣେ ଦାମ। ସେହି ସ୍କୁଲ୍ ରେ ଆଉ ଦୁଇଟି ପିଲା ବି ପଢୁଥିଲେ। ଜଣେ ରାନୀ ଏବଂ ଆଉ ଜଣେ ମାନୀ। ପ୍ରକାଶ ପାଇଲାଦଶମ ଶ୍ରେଣୀ ପରୀକ୍ଷାଫଳ । ସ୍କୁଲ୍ ର ପ୍ରାୟ ସବୁ ପିଲା ପାସ୍ ହୋଇଗଲେ। ତେବେ ଦୁର୍ଭାଗ୍ୟବଶତଃ ଦାମ ଏବଂ ମାନୀ ଫେଲ୍ ହୋଇଗଲେ। ଅନ୍ୟମାନେ ସେମାନଙ୍କୁ ପରିହାସ କଲେ। ସେମାନେ ତ ଠିକ୍ ଭାବରେ ପଢ଼ାପଢ଼ି କରୁଥିଲେ। ତଥାପି ସେମାନେ କିନ୍ତୁ ଫେଲ୍ ହୋଇଗଲେ। କାରଣ କେଉଁଠି ନା କେଉଁଠି ତ୍ରୁଟି ରହିଗଲା। ଯେ ପାଇଁ ସେମାନେ ଫେଲ୍ ହୋଇଗଲେ। ତ୍ରୁଟି କ'ଣ ହୋଇପାରେ। ପଢ଼ାପଢ଼ିରେ କେବଳ ତ୍ରୁଟି ହୋଇପାରେ। ଏହା ତ ସାଧାରଣ କଥା। ସେମାନେ ପଢ଼ାପଢ଼ିରେ ଭଲ ଥିଲେ, ତେବେ ଶେଷ ମୁହୂର୍ତ୍ତରେ ସେମାନଙ୍କ ପଢ଼ାପଢ଼ିରେ ନିଶ୍ଚିତରୂପେ କିଛି ନା କିଛି ତ୍ରୁଟି ରହିଗଲା। ଅବହେଳା ରହିଗଲା। ଯେଉଁଥିପାଇଁ ସେମାନେ ଫେଲ୍ ହୋଇଗଲେ। ଘରେ ବାହାରେ ସବୁଆଡେ ସେମାନଙ୍କୁ ଶୁଣିବାକୁ ପଡ଼ିଲା। କେତେବେଳେ ସେମାନେ ଘରେ ଶୁଣିଲେ ତ କେତେବେଳେ ସେମାନେ ଘର ବାହାରେ ବି ଶୁଣିଲେ। ସବୁଆଡୁ ଶୁଣାଶୁଣି କରି ସେମାନେ ଶେଷରେ ଥକି ପଡ଼ିଲେ। ଭାରି ମନ ଦୁଃଖରେ ସେମାନେ ଏପଟ ସେପଟ ହେବାରେ ଲାଗିଲେ। କେବେ କେବେ ତାଙ୍କ ମନ ଭାରୀ ଖରାପ ହୋଇଗଲା । କେତେବେଳେ ଯେ ସେମାନେ ଯେ କ'ଣ ନିଷ୍ପତ୍ତି ନେଇଯିବେ , ସେମାନେ ନିଜେ ବି ଜାଣିପାରୁ ନଥିଲେ। ଏମିତି ସେମିତି ମନ ଦୁଃଖରେ ବୁଲାବୁଲି କରୁ କରୁ ସେମାନେ ଦିନେ ଏକାଠି ହୋଇଗଲେ। ପରସ୍ପରର ଦୁଃଖ କୁ ସେୟାର କଲେ। ତଥାପି ସେମାନଙ୍କ ଦୁଃଖ କେବେ ବି ଲାଘବ ହେଲାନାହିଁ । ସେମାନେ କେବେ କେବେ କିଛି ଭୁଲ୍ ନିଷ୍ପତ୍ତି ନେବାପାଇଁ ସେମାନେ ଆଗଭର ହୋଇଯାଉଥିଲେ। ପୁଣି କାହିଁକି କେଜାଣି ସେମାନଙ୍କ ମନ ଏବଂ ବିବେକ ସେମାନଙ୍କୁ ଅଟକାଉଥିଲା। ତଥାପି ଭରସା ପାଉନଥିଲା। ଏଣୁ ସେମାନଙ୍କ ପରିବାର ଲୋକେ ସମୟ ସମୟରେ ବ୍ୟସ୍ତବିବ୍ରତ ହୋଇପଡୁଥିଲେ। ସେମାନଙ୍କ ପରିବାର ଲୋକେ ବେଳେ ବେଳେ ଚିନ୍ତିତ ହୋଇପଡୁଥିଲେ। କାଳେ କେତେବେଳେ କିଛି ଭୁଲ୍ ପଦକ୍ଷେପ ନେଇଯିବେ ସେମାନେ। ଥରେ ଏକୁଟିଆ ବୁଲାବୁଲି କରୁଥିବା ସମୟରେ ସେମାନେ ରାମ ଏବଂ ରାନୀଙ୍କୁ ସାମ୍ନା କଲେ ଯେଉଁମାନଙ୍କ ଠାରୁ ସେମାନେ ଧୈର୍ଯ୍ୟର ଶିକ୍ଷା ପାଇଲେ। ଜୀବନରେ ପାସ୍ ଫେଲ୍ ତ ଲାଗି ରହିଛି, ତେବେ ସେଥିରେ ବିବ୍ରତ ନ ହୋଇ ଧୈର୍ଯ୍ୟ ଧରିବା ଦରକାର।

# କାଳଯମ



ସତୀଶ ବିଶ୍ୱାଳ



ମୋ ଗାଁ ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଭୁବନପୁର ନିକଟରେ ଥିବା ବରଡା ଛକରେ ନୀଳଭାଇ ଜଳଖିଆ ଦୋକାନ। ଛୋଟିଆ ଦୋକାନଟିଏ। ଭୂଗୋଳ ପୋଥୀ ପତରେ ନାଁ ନଥିଲେ ବି ଲୋକଙ୍କ ହୃଦୟର ଭୂଗୋଳରେ ଏହି ଦୋକାନରବେଶ ନାଁ ବରଷ ବରଷ ଧରି ରହିଛି। ନୀଳ ଦୋକାନ ନାମରେ ଆମ ପାଂଚ ଖଣ୍ଡୀ ମୌଜା କିମ୍ବା ୩୦ ଖଣ୍ଡୀ ଗାଁରେ ବେଶ ପରିଚିତ। ଏଠି ସବୁ ରାଜନୀତି ଓ ନୀତିର ଚର୍ଚ୍ଚା ଜମେ। ଏ ଦୋକାନରେ ନୀଳଭାଇର ଉପସ୍ଥିତିରେ ବେପାର ତ ହୁଏ ହେଲେ ନୀଳଭାଇର 'ବିବେକର ବଜାର'ଏଠି ଅଧିକ ସତେଜ ଥାଏ। ଦୋକାନରେ ପୁଣି ବିବେକର ବଜାର ? ଏକଥାଟି କେମିତି କେମିତି ଲାଗେ। ଏହାକୁ ବୁଝିବାକୁ ହେଲେ ବିଷୟର ଭିତରକୁ ପଶିବାକୁ ହୁଏ।

ଅନେକ ସମୟରେ ରାସ୍ତାରେ ଯାଉଥିବା ଭିକାରୀ ଠାରୁ କୋଟିପତିଙ୍କ ପର୍ଯ୍ୟନ୍ତ ଲୋକଙ୍କ ମନକଥା ନୀଳଭାଇ ବୁଝେ। କାହାକୁ ଗରମ ଜିଲାପି ଭଲ ଲାଗେ, କାହାକୁ ଗରମ ବରା। ଯେମିତି ହେଲେ ଅନେକଙ୍କୁ ଡାକି ଗରମ ଜିଲାପି କିମ୍ବା ଗରମ ବରା କିଛି ମାଗଣାରେ ଖୁଆଇ ଦେଲେ ତାର ମନ ଖୁସି ହୁଏ। ଅନେକଙ୍କ ସୁଖ ଦୁଃଖରେ ସାମିଲ ହୋଇ ଅନ୍ୟାୟ ବିରୋଧରେ ନୀଳଭାଇ ଲଢେଇ କରନ୍ତି। ପ୍ରାୟ ୨୫ ବର୍ଷ ପୂର୍ବରୁ ମୁଁ କଲେଜ ପଢୁଥିବା ବେଳେ ନିଇତି ଉଦୁଉଦିଆ ଖରାବେଳେଏହି ଛକରେ ବସରୁ ଓହ୍ଲାଇ ପଡିବା ବେଳକୁ ନୀଳ ଭାଇ ଜିଲାପି ଛାଣୁଥାଏ। ମୁଁ ସାଇକେଲ ଧରି ଘରକୁ ଆସିବାକୁ ବାହାରୁ ବାହାରୁ , ମୋତେ ମଧୁର କଣ୍ଠରେ କହେ- ଟିକେ ବସିବୁନି। ତା ପରେ ଅତି ଆଦରରେ ପଳାସ କିମ୍ବା ଖଲି ପତରରେ ଦୁଇଟା ଗରମ ଜିଲାପି ହସ ହସ ମୁହଁରେ ବଢାଇ ଦେଇ, ଖାଇଦେ ବୋଲି କହେ। ସେ ଆଦରକୁ ଅସ୍ୱୀକାର କରି ନଖାଇ ଆସିବାର ବାଟ ବି ନଥାଏ। ଏହାପରେ ମୋ ସ୍ତ୍ରୀ ଅଧ୍ୟାପିକା ଚାକିରୀ କଲେ। ସେ ଖରାବେଳେ କଲେଜରୁ ଓହ୍ଲାଇ ଘରକୁ ଆସିବା ବେଳେ ଠିକ ସେଇ ଗରମ ଜିଲାପି ଦେଇ ଚର୍ଚ୍ଚା କରିଥାନ୍ତି ନୀଳଭାଇ। ତାକୁ ମୋ ଠୁ ବି ଅଧିକ ଶ୍ରଦ୍ଧାରେ ସେ ଖୁଆଇ ଥାନ୍ତି। ମୋ ପୁଅ, ଝିଅ ନିକଟସ୍ଥ ଶିଶୁ ମନ୍ଦିରରୁ ପାଠ ପଢି ଫେରିବା ବେଳେ ବି ସେଇ ସମାନ ବ୍ୟବହାର ଥିଲା ନୀଳଭାଇଙ୍କର। ଏହି ଶ୍ରଦ୍ଧାର ଦାନ ପାଇଁ କେବେ କାହାଠାରୁ ଟଙ୍କାର ମୂଲ୍ୟ ଆଶା ରଖନ୍ତି ନାହିଁ ନୀଳଭାଇ। ଏହା ତାଙ୍କର ଗୋଟିଏ ସଉକ।

ନୀଳ ଭାଇ କେବଳ ଜଳଖିଆ ଦୋକାନୀ ନୁହେଁ। ସମାଜରେ ଜଣେ ଭଲ ମଣିଷ ଓ ସଂଗଠକ ଭାବେ ବେଶ ନାଁ ଥିଲା। ମନ୍ଦିର ଗଢିଛନ୍ତି, ବହୁ ଅନୁଷ୍ଠାନ ସହ ସଂପୃକ୍ତ। ନିଜର ଗୋଟିଏ ବଡ ପରିବାରକୁ ଏକାଠି ଗୋଟିଏ ସୂତ୍ରରେ ବାନ୍ଧି ରଖିବାର ସେ ଆମ ଅଂଚଳରେ ଗୋଟିଏ ଦୃଷ୍ଟାନ୍ତ। ତତ୍କାଳୀନ ଜନତା ଦଳ ଓ ପରେ ବିଜୁ ଜନତା ଦଳ ଦୀର୍ଘବର୍ଷ ଧରି ଶାସନ କ୍ଷମତାରେ ନଥିବା ବେଳେ ଆମେ ଏହି ଦଳର ଆଗୁଆ କର୍ମୀ। ମୁଁ ତଳ ଅଂଚଳର ବହୁ ଗାଁରୁ ଖରାବେଳେ ଅଖିଆ ଅପିଆ ଛାତ୍ର ଅବସ୍ଥାରେ ସଂଗଠନ କାମ ସାରି ଫେରିଲା ବେଳେ ନୀଳ ଭାଇ ମୋତେ ଅପେକ୍ଷା କରିଥାଏ। ମୋ ପାଇଁ ଅଣ୍ଡା ତରକାରୀ କରି ରଖିଥାଏ। ତୋ ପାଇଁ ରୋଷେଇ କରି ରଖିଛି, ଖାଇଦେ ବୋଲି ଶ୍ରଦ୍ଧାରେ କହେ। ନୀଳଭାଇ ଘରର ଗଣେଷ ପୂଜାର ସ୍ୱତନ୍ତ୍ରତା ଥାଏ। ଗଣେଷ ପୂଜାରେ ତାଙ୍କ ଘରର ସୁନ୍ଦର ପିଠାକୁ ବହୁ ପରିବାରର ଅପେକ୍ଷା ଥାଏ। ନୀଳ ଭାଇଙ୍କ ସ୍ତ୍ରୀ ଜାନକୀ ଆମ ଅଂଚଳର 'ସୁନା ଭାଉଜ'ଭାବେ ପରିଚିତ। ରୂପରେ ଯେମିତି ସୁନ୍ଦର ଗୁଣରେ ବି। କିଛି ଦିନ ତଳେ ଅଳ୍ପ ବୟସରେ ରୋଗରେ ଆର ପାରିକୁ ଚାଲିଗଲେ। ଦୁଇ ଜଣଙ୍କ ଭିତରେ ଅତି ସୁନ୍ଦର ବନ୍ଧନ। ନୀଳଭାଇ ଓ ଜାନକୀ ଭାଉଜ ଦୁଇଟି ସମାନ ଚରିତ୍ରର ଜନପ୍ରୀୟ ବ୍ୟକ୍ତିତ୍ୱ ଥିଲେ। ନୀଳଭାଇ ଯେ ଭାଉଜଙ୍କ ବିନା ବଂଚି ପାରିବେ, ତାହା ଆମର କଳ୍ପନା ବାହାରେ ଥିଲା। ଭାଉଜଙ୍କ ଏକାଦଶାହ ପରେ ମୁଁ ନୀଳ ଭାଇଙ୍କୁ ଭେଟିବାକୁ ଯାଇଥିଲି। ଠିକ ମୋର କଲେଜ ଜୀବନ ପରି ସେଦିନ ବି ସେ ମୋତେ ଭରପୁର ଛେନାପୋଡ ଖୁଆଇଲେ। ମିଠା ଖାଇବାକୁ ଯେତେ ମନା କରିଥିଲେ ବି, ତାଙ୍କ ଶ୍ରଦ୍ଧା ଜାଲରୁ ମୁକୁଳି ପାର ନଥିଲି । ସେ ସମୟରେ ବି ତାଙ୍କର କୋଟୋଟି କଥା ତାଙ୍କର ବ୍ୟକ୍ତିତ୍ୱକୁ ଅଧିକ ଉଜ୍ଜ୍ୱଳ କରିଥିଲା। ନିଜ ଅଂଚଳରେ ଚାଲିଥିବା କଳୁଷିତ ରାଜନୈତିକ ଭ୍ରଷ୍ଟ ବ୍ୟବସ୍ଥାରେ ଯୁବକ ମାନେ ପଥଭ୍ରଷ୍ଟ ହେବା ନେଇ ତାଙ୍କର ମତ ତାଙ୍କ ପ୍ରତି ଥିବା ମୋର ଧାରଣାକୁ ଭିନ୍ନ ରୂପ ଦେଇଥିଲା। ଏପରିକି ସେ ସମାଜର ବୃହତ୍ତର ସ୍ୱାର୍ଥରକ୍ଷା ପାଇଁ ନିଜ ଆତ୍ମୀୟଙ୍କ ବିରୋଧରେ କହିବାର ଦମ ରଖୁଥିଲେ। ଏହା ଭିତରେ ମୋ ପାଇଁ ତାଙ୍କ ଅନ୍ତରରେ ଥିବା ସଦିଚ୍ଛାକୁ ନେଇ ଯାବତୀୟ ଆଶ୍ୱାସନା ଭିତରେ ସମୟକୁ ଅପେକ୍ଷା କରିବାର ବଡ ପ୍ରତିଶୃତି ବି ଦେଇଥିଲେ।

ଆମ ଗାଁର ଟୁନାନା। ଆଭିଜାତ୍ୟ ସମ୍ପନ୍ନ ପରିବାରରୁ ଆସିଥିଲେ ମଧ୍ୟ ଟୁନାନା ଜନ୍ମ ହେବା ବେଳକୁ ତାଙ୍କ ପରିବାରର ଗରିମା ଥିଲା ହେଲେ ସଂପୂର୍ଣ୍ଣ ଦରିଦ୍ର ହୋଇ ଯାଇଥିଲେ। ଟୁନାନାଙ୍କ ମାଆ ମୋ ବାପାଙ୍କ ନିଜ ଭଉଣୀ ନହେଲେ ବି ତାଠୁ ଅଧିକ। ସେଥିପାଇଁ ତାଙ୍କର ବାପା ମୋ ପାଇଁ - ବୁଢା ପିଇସା। ଟୁନାନାଙ୍କ ବାପା, ମାଆ ଚାଲିଯିବା ପରେ ଯୁବ ବୟସରେ ଲଢେଇ କରି ଟୁନାନା ବହୁ ସମ୍ପତ୍ତିର ମାଲିକ ହେଲେ। ନିଜ ପରିବାରକୁ ଯଥେଷ୍ଟ ଆଗକୁ ନେଲେ। ନିକଟ ଅତୀତରେ ମୋ ଉପରେ ହୋଇଥିବା ଅତ୍ୟାଚାର ବିରୋଧରେ ସ୍ୱର ଉଠାଇବା ପାଇଁ ମୁଁ ଘରେ ନଥିଲେ ମଧ୍ୟ ମୋ ଘରକୁ ବାରମ୍ବାର ଯାଇଛନ୍ତି ଓ ଆଗକୁ ବଢିବା ପାଇଁ ଅନେକ ସାନ୍ତ୍ୱନା ବି ଦେଇଛନ୍ତି। କ୍ରିକେଟ ପଡିଆରେ ଭଲ ଛକା ମାରିବାର ଓସ୍ତାଦି ରଖୁଥିବା ଟୁନାନା ଜୀବନ ଯୁଦ୍ଧରେ ବି ଛକା ମାରିଥିଲେ।

ଆଉ ଜଣେ ଥିଲେ ଆମ ଗାଁର ମୋବୁନା। ସମସ୍ତେ ତାଙ୍କୁ ମୋବୁ ବୋଲି ଡାକନ୍ତି। ମୋବୁନା ଗୋଟିଏ ଭିନ୍ନ ଚରିତ୍ର। ସମସ୍ତଙ୍କ ପ୍ରୀୟ। ତାଙ୍କର ସ୍ୱର୍ଗତ ବାପା ଜଣେ ପ୍ରତିଷ୍ଠିତ ରାଜନେତା। ସମୟକ୍ରମେ ମୋବୁନା ଅଭାବ ଭିତରେ ସଂଘର୍ଷ କରୁଥିଲେ ବି କୋଉଠି ବି ଧନ ସମ୍ପତ୍ତି ପାଇଁ ନିଜର ସ୍ୱାଭିମାନ ହରାଇ ନାହାନ୍ତି। ମୋବୁନା ଠାରୁ ମୋ ଗାଁ ଖଟିରୁ ଆମେରିକା ପର୍ଯ୍ୟନ୍ତ ସବୁ ଖବର ମିଳେ। କେହି କେହି ଏହାକୁ ବିଶ୍ୱାସ କରନ୍ତି , ଆଉ କେହି ଗୁଲି ବି କହନ୍ତି। କିନ୍ତୁ ସମସ୍ତଙ୍କୁ ମୋବୁନାଙ୍କ କଥା ଶୁଣିବାକୁ ଭଲ ଲାଗେ। ଜଣେ ଭଲ ପରାମର୍ଶଦାତା ବୋଲି କେତେକ ଗ୍ରହଣ କରନ୍ତି।

ତିନିଜଣ ଯାକ ୨୭.୦୪.୨୬ ରିଖରେ ଗୋଟିଏ କାରରେ ବାହାରିଲେ କରଂଜିଆ। ଠାକୁରମୁଣ୍ଡା-କରିଆ ରାସ୍ତାରେ ଖୁବ ଜୋରରେ କାର ସହ ଏକ ବସର ଧକ୍କା ଦେଲା। ଦୁର୍ଘଟଣାରେ ନୀଳ ସାହୁ (ନୀଳଭାଇ) , ପ୍ରକାଶ ବଳସାମନ୍ତ (ଟୁନାନା) ,ସଂଜୟ ବଳ (ମୋବୁନା) ତିନିଜଣଙ୍କ ମୃତ୍ୟୁ ଖବର ମୋ ଗାଁ ନୁହେଁ ଏ ଅଂଚଳର ବୁକୁ ଥରାଇ ଦେଲା। ଟୁନାନାଙ୍କ ନୂଆ ବେପାର ଆରମ୍ଭ କରିବାକୁ ଯାଉଥିବା ବେଳେ ନୀଳ ଭାଇ ଓ ମୋବୁନା ତାଙ୍କ ସହ ବନ୍ଧୁ ଭାବେ ଯାଇଥିଲେ। ଭଗବାନ ଏମିତି କାହିଁକି କଲେ ବୋଲି ପ୍ରତ୍ୟେକ ପରସ୍ପରକୁ କୁହାକୁହି ହେଉଥିଲେ। ସମସ୍ତେ ନିର୍ବାକ ଥିଲେ। ସହର ପରି କେବଳ ବସ୍ତୁବାଦୀ ଚିନ୍ତାଧାରା ବାସ୍ତବତାର ଶିକୁଳି ଭିତରେଗାଁର ଜୀବନ ବନ୍ଧା ପଡେନାହିଁ। ଗାଁ ଭିତରକୁ ଏବେ ସହରି ଚଳଣି , ହୀନ ରାଜନୀତି ଅନୁପ୍ରବେଶ କରିଥିଲେ ବି ଗାଁର ଆବେଗ, ଭାଇଚାରାକୁ ନେଇ ସୃଷ୍ଟି ହେଉଥିବା ଭାବପ୍ରବଣତା ଭରି ରହିଥାଏ। ସମସ୍ତ ପ୍ରକାର ବିବାଦ ଓ ଭିନ୍ନମତର ଅନ୍ଧକାର ଭିତରେ ବି ଗାଁରେ ଆତ୍ମୀୟତାର ଆଲୁଅ ଧପ ଧପ ହୋଇ ଜଳୁଥାଏ। ତିନୋଟି ପରିବାର ସର୍ବସ୍ୱାନ୍ତ ହୋଇଗଲେ। ଯୁବକ ପିତାକୁ ହରାଇ ପିଲାମାନେ ବାପ ଛେଉଣ୍ଡ ବି ହେଲେ। ଦୁଇଜଣ ନିଜର ସ୍ୱାମୀକୁ ହରାଇଲେ। କେହି କେହି ଏ ଗାଁକୁ ଅକାଳ ଓ ବିପତ୍ତି ପଡିଛି ବୋଲି କହିଲେ। ଅଧା ବୟସରେ ଅନେକ ମରଣକୁ ଏ ଗାଁ ଦେଖିଛି। ସେଥିପାଇଁ ବୁକୁଫଟାଇ କାନ୍ଦିଛି। ହେଲେ ଏ ମରଣରେ ମୋ ଗାଁ ମଶାଣୀ, ମୋ ଗାଁର ଠାକୁରାଣୀ ମା କାଳିଆଶୁଣୀ, ମୋ ଗାଁ ଠାକୁର ମହାପ୍ରଭୂ ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କ ମୁହଁ ବି ମଳିନ ପଡି ଯାଇଥିବା ଭଳି ତାଙ୍କର ଭକ୍ତ ମାନେ କୁହାକୁହି ହେଉଥିଲେ।

ବିଧିର ବିଧାନ ବଡ ବିଚିତ୍ର। ସମସ୍ତଙ୍କ ମନକଥା ବୁଝି ପାରୁଥିବା ନୀଳ ଭାଇ ଶରୀର ତ୍ୟାଗ ପରେ ବି ସେମିତି ସେଇ କାରରେ ବସି ରହିଥିଲେ। ହେଲେ ତାଙ୍କର ଶରୀରରୁ ପ୍ରାଣ ଚାଲି ଯାଇଥିଲା। କେହି କେହି କହୁଥିଲେ- ଭାଉଜ ନୀଳଭାଇଙ୍କୁ ଛାଡି ରହି ପାରିଲେ ନାହିଁ। ତାଙ୍କୁ ନେଇଗଲେ। କ୍ରିକେଟ ପଡିଆରେ ଭଲ ଛକା ମାରିବା ପରି ନିଜ ଜୀବନ ରାସ୍ତାରେ ଛକା ମାରୁ ମାରୁ ହଠାତ ଆମ ଟୁନାନାଟା ବାଉଣ୍ଡରୀରୁ ଉପରେ କ୍ୟାଚ ଆଉଟ ହୋଇଗଲା। ଆଉ ସମସ୍ତଙ୍କୁ ରାଜନୀତିର ନୂଆ ନୂଆ ଚମତ୍କାର କଥା କହୁଥିବା ମୋବୁନା ନିଜେ ଅଧାଗଢା କାହାଣୀ ହୋଇଗଲା। କାଳଯମ ବଡ ଦାରୁଣ ହୋଇ ବାଛିନେଲା କଂଚା। ବେଙ୍ଗ କହେ ବେଙ୍ଗୁଲି ଲୋ ପୃଥ୍ୱୀ କ୍ଷଣ କ୍ଷଣ କେ ଆନ। ନୀଳଭାଇ, ଟୁନାନା, ମୋବୁନାଙ୍କ ପରି ଭଲ ଆତ୍ମା ଗୁଡିକୁ ଆଉ ଏକ ଜନ୍ମର ଇଂନିସ ସେପଟେ ହାତ ଠାରି ଡାକୁଥିଲା। ଠିକ ସେତିକି ବେଳେ ମୋର ବନ୍ଧୁ କାର୍ତିକ ସ୍ୱାଇଁ ଫୋନ କରି ନୀଳ ଭାଇର ସ୍ମୃତି ଉଜାଗର କରୁଥିଲେ। ସେ ମାତ୍ର କେଇଦିନ ପୂର୍ବରୁ ତାର ଦୋକାନ ଦେଇ ଯାଉଥିବା ବେଳେ ତାକୁ ନୀଳ ଭାଇ ଖୁବ ଜୋରରେ ଡାକି, ତୁ ହାତ ହୋନା କହ. ତା ପାଟିରେ ଗୋଟିଏ ବରା ଖୋଇ ଦେବାର ଅମୃତ ପ୍ରେମକୁ ବଖାଣୁଥିଲେ। ମୋ ଆଖିରୁ ନିଗିଡି ଯାଉଥିବା ଲୁହ କହୁଥିଲା- ପ୍ରାଣୀର ଭଲ ମନ୍ଦ ବାଣୀ ମରଣ କାଳେ ତାହା ଜାଣି। ଦେଇଥିଲେ ପାଇ ନଦେଇଥିଲେ..... । ଜୀବନର ଅସ୍ତିତ୍ୱ କିଛି ନୁହେଁ, ଏଇ ଅଛି ଏଇ ନାହିଁ, କେବଳ ପାଣି ଫୋଟକା ବୋଲି ଏଭଳି ଘଟଣା ସୂଚନା ଦେଉଥିଲା। କିଏ ଜାଣେ କେତେବେଳେ କାହାକୁ ନେବ- ଏଇ 'କାଳଯମ'।

ଭୁବନପୁର, ମଧୁପୁରଗଡ,
ଜେନାପୁର, ଧର୍ମଶାଳା, ଯାଜପୁର.
ମୋ-୯୪୩୭୦୧୯୧୧୭

## ଅଧର୍ମ ବିନାଶକାରୀ ଭଗବାନ ନୃସିଂହ

# ନମଇଁ ନୃସିଂହ ଚରଣ...



ପଣ୍ଡିତ ସୋମନାଥ ଦାଶ

ବୈଶାଖ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ଭଗବାନ ନୃସିଂହଙ୍କ ଜୟନ୍ତୀ ପାଳନ କରାଯାଇଥାଏ। ମହାନୃସିଂହ ହେଉଛନ୍ତି ଶକ୍ତିର ଦେବତା। ପୌରାଣିକ ମାନ୍ୟତା ଅନୁଯାୟୀ, ଉପରୋକ୍ତ ପବିତ୍ର ତିଥିରେ ଶ୍ରୀହରି ବିଷ୍ଣୁ ନୃସିଂହ ଅବତାରରେ ପ୍ରକଟ ହୋଇଥିଲେ। ସେ ଦୈତ୍ୟରାଜ ହିରଣ୍ୟକଶିପୁର ବଧ କରିଥିଲେ। ଭଗବାନ ବିଷ୍ଣୁ ଅଧର୍ମ ନାଶ କରିବା ଲାଗି ଅନେକ ଅବତାର ନେଇଛନ୍ତି। ସେ ଅବତାର ନେବା ପରେ ପୃଥିବୀରେ ଧର୍ମ ପ୍ରତିଷ୍ଠା ହୋଇଛି। ଶ୍ରୀବିଷ୍ଣୁ ସର୍ବଦା ନିଜ ଭକ୍ତମାନଙ୍କୁ ସଂକଟରୁ ରକ୍ଷା କରିଥାନ୍ତି। ଶ୍ରୀମଦ୍ ଭାଗବତରେ ଆରମ୍ଭରୁ ଭଗବାନ ନୃସିଂହଙ୍କୁ ସ୍ତୁତି କରାଯାଇ ଲେଖାଯାଇଛି 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ'।

ଅଧର୍ମର ବିନାଶ ଲାଗି ଶ୍ରୀହରି ନେଇଥିବା ବିଭିନ୍ନ ଅବତାର ମଧ୍ୟରୁ ନୃସିଂହ ଅବତାରରେ ସେ ଦୈତ୍ୟରାଜ ହିରଣ୍ୟକଶିପୁର ବିନାଶ କରିଥିଲେ। ଧାର୍ମିକ ଗ୍ରନ୍ଥରେ ଥିବା ବର୍ଣ୍ଣନା ଅନୁଯାୟୀ, ଦୈତ୍ୟରାଜ ହିରଣ୍ୟକଶିପୁ ନିଜକୁ ଭଗବାନଙ୍କ ଠାରୁ ଅଧିକ ଶକ୍ତିଶାଳୀ ବୋଲି ଭାବୁଥିଲା। ସେ ବ୍ରହ୍ମାଙ୍କ ଠାରୁ ବରଦାନ ପାଇଥିଲା। ତାକୁ ମନୁଷ୍ୟ, ଦେବତା, ପକ୍ଷୀ, ପଶୁ ମାରିପାରିବେ ନାହିଁ। ଦିନରେ, ରାତିରେ, ଭୂମିରେ, ଆକାଶରେ, ଅସ୍ତ୍ରରେ କିମ୍ବା ଶସ୍ତ୍ରରେ ସେ ମରିବ ନାହିଁ ବୋଲି ବର ପାଇଥିଲା। ଏହି ବର ପାଇଁ ସେ ଅହଂକାରୀ ହୋଇ ଉଠିଥିଲା। ତା'ର ରାଜ୍ୟରେ ଭଗବାନ ବିଷ୍ଣୁଙ୍କୁ ପୂଜା କରୁଥିବା ଲୋକକୁ ସେ ଦଣ୍ଡ ଦେଉଥିଲା। ହିରଣ୍ୟକଶିପୁର ପୁତ୍ର ଥିଲେ ପ୍ରହ୍ଲାଦ। ପ୍ରହ୍ଲାଦ ପିଲାଦିନୁ ଭଗବାନ ବିଷ୍ଣୁଙ୍କର ପରମଭକ୍ତ ଥିଲେ। ଏହି କଥା ଜାଣିବା ପରେ ହିରଣ୍ୟକଶିପୁ କ୍ରୋଧିତ ହୋଇପଡ଼ିଥିଲା। ସେ ପ୍ରହ୍ଲାଦଙ୍କୁ ବୁଝାଇଲା। କହିଲା, ବିଷ୍ଣୁଙ୍କୁ ଛାଡ଼ି ମୋତେ ପୂଜା କର। ମାତ୍ର ପ୍ରହ୍ଲାଦ ଏଥିପାଇଁ ରାଜି ହେଲେ ନାହିଁ। ହିରଣ୍ୟକଶିପୁ ନିଜ ପୁତ୍ରକୁ ମୃତ୍ୟୁଦଣ୍ଡ ଦେଲା। କିନ୍ତୁ ଭଗବାନଙ୍କ ଚମତ୍କାର ଯୋଗୁ ପ୍ରହ୍ଲାଦଙ୍କର କୌଣସି କ୍ଷତି ହେଲା ନାହିଁ। ଭଉଣୀ ହୋଲିକା କୋଳରେ ବସାଇ ପ୍ରହ୍ଲାଦଙ୍କୁ ମାରିବାକୁ ଚାହିଁଲା ହିରଣ୍ୟକଶିପୁ। ମାତ୍ର ନିଆଁରେ ହୋଲିକା ପୋଡ଼ିମଲା। ପ୍ରହ୍ଲାଦଙ୍କର କୌଣସି କ୍ଷତି ହେଲା ନାହିଁ।

ଶ୍ରୀବିଷ୍ଣୁଙ୍କର ଦଶ ଅବତାର ମଧ୍ୟରେ ଭଗବାନ ନୃସିଂହ ଚତୁର୍ଥ ଅବତାର ଅଟନ୍ତି। ସିଂହ ଭଳି ମସ୍ତକ ଏବଂ ମନୁଷ୍ୟ ଶରୀର ଧାରଣ କରି ପ୍ରଭୁ ନୃସିଂହ ବୈଶାଖ ମାସ ଶୁକ୍ଳ ଚତୁର୍ଦ୍ଦଶୀରେ ଆବିର୍ଭୂତ ହୋଇଥିଲେ। ଭକ୍ତ ପ୍ରହ୍ଲାଦଙ୍କୁ ନିର୍ଯାତନା ମୁକ୍ତ କରିବା ପାଇଁ ପ୍ରଭୁ ନୃସିଂହ ରୂପରେ ସ୍ତମ୍ଭରୁ ବାହାରି ରାକ୍ଷସରାଜ ହିରଣ୍ୟକଶିପୁର ବଧ କରିଥିବା ପୁରାଣରେ ବର୍ଣ୍ଣନା ରହିଛି। ନୃସିଂହ ପୁରାଣରେ ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ନୃସିଂହ ବ୍ରତ ଏବଂ ପୂଜାର ଫଳ କଥା ବର୍ଣ୍ଣନା କରାଯାଇଛି। ନୃସିଂହ ଜୟନ୍ତୀ ଦିନ ବ୍ରାହ୍ମ ମୁହୂର୍ତ୍ତରୁ ଉଠି ସ୍ନାନ ଆଦି କର୍ମରୁ ନିବୃତ୍ତ ହୋଇ ସ୍ୱଚ୍ଛ ବସ୍ତ୍ର ଧାରଣ କରିବା ଉଚିତ। ଭଗବାନ ନୃସିଂହଙ୍କୁ ବିଧିବିଧାନ ଅନୁଯାୟୀ ପୂଜା କରିବା ଆବଶ୍ୟକ। ଭଗବାନ ନୃସିଂହଙ୍କ ସହିତ ଦେବୀ ଲକ୍ଷ୍ମୀଙ୍କ ମୂର୍ତ୍ତି ସ୍ଥାପନ କରନ୍ତୁ। ଏହା ପରେ ମନ୍ତ୍ର ଉଚ୍ଚାରଣ କରି ଭଗବାନ ନୃସିଂହଙ୍କ ଷୋଡ଼ଶୋପଚାର ପୂଜା କରନ୍ତୁ। ଭଗବାନ ନୃସିଂହଙ୍କ ପୂଜା ନିମନ୍ତେ ଫଳ, ଫୁଲ, କୁଙ୍କୁମ, କେସର, ଶ୍ରୀଫଳ, ଅକ୍ଷତ, ପୀତାମ୍ବର ରଖିବା ଉଚିତ। ଗଙ୍ଗାଜଳ, କଳା ରାଶି, ପଞ୍ଚଗବ୍ୟ ଏବଂ ହୋମ ଆଦି ସାମଗ୍ରୀ ମଧ୍ୟ ପୂଜାରେ ଉପଯୋଗ କରାଯାଇପାରିବ। ଭଗବାନ ନୃସିଂହଙ୍କୁ ପ୍ରସନ୍ନ କରିବା ଲାଗି ନୃସିଂହ ଗାୟତ୍ରୀ ମନ୍ତ୍ର 'ଓଁ ଉଗ୍ରନୃସିଂହାୟ ବିଦ୍ମହେ ବଜ୍ରନଖାୟ ଧୀମହି ! ତନ୍ନୋ ନରସିଂହ ପ୍ରଚୋଦୟାତ୍।' କିମ୍ବା 'ଓଁ ବଜ୍ରନଖାୟ ବିଦ୍ମହେ ତୀକ୍ଷ୍ଣଦଂଷ୍ଟ୍ରାୟ ଧୀମହି, ତନ୍ନୋ ନରସିଂହ ପ୍ରଚୋଦୟାତ୍' ଜପ କରିବା ଉଚିତ। ପୂଜା ଶେଷ ହେବା ପରେ ମଧ କୁଶ ନିର୍ମିତ ଆସନରେ ବସି ରୁଦ୍ରାକ୍ଷ ମାଳା ଦ୍ୱାରା ନୃସିଂହ ଭଗବାନଙ୍କ ମନ୍ତ୍ର ଜପ କରାଯାଇପାରିବ। ଏହି ଦିନ ନିଜ ସାମର୍ଥ୍ୟ ଅନୁଯାୟୀ, ରାଶି, ସୁବର୍ଣ୍ଣ କିମ୍ବା ବସ୍ତ୍ରାଦି ଦାନ କରିବା ଉଚିତ। ଏହି ବ୍ରତ କରୁଥିବା ବ୍ୟକ୍ତି ସମଗ୍ର ଲୌକିକ ଦୁଃଖରୁ ମୁକ୍ତି ପାଇଥାଏ। ନୃସିଂହଙ୍କ ମନ୍ତ୍ର 'ଓଁ ଉଗ୍ରଂ ବୀରଂ ମହାବିଷ୍ଣୁଂ ଜ୍ୱଳନ୍ତଂ ସର୍ବତୋମୁଖମ୍। ନୃସିଂହଂ ଭୀଷଣଂ ଭଦ୍ରଂ ମୃତ୍ୟୁ ମୃତ୍ୟୁଂ ନମାମ୍ୟହମ୍।' 'ଓଁ ନୃମ ନୃମ ନୃମ ନରସିଂହାୟ ନମଃ।' ମନ୍ତ୍ର ଦ୍ୱାରା ମଧ୍ୟ ନୃସିଂହ ଭଗବାନଙ୍କୁ ଉପାସନା କରାଯାଇପାରିବ। ଶ୍ରୀମଦ୍ ଭଗବତ୍ ଗୀତାର ଦଶମ ଅଧ୍ୟାୟ ୩୦ତମ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ଉପଦେଶ ଛଳରେ ପାଣ୍ଡପୁତ୍ର ଅର୍ଜ୍ଜୁନଙ୍କୁ କହୁଛନ୍ତି 'ପ୍ରହ୍ଲାଦଶ୍ଚାସ୍ମି ଦୈତ୍ୟାନାଂ କାଳଃ କଳୟତାମହମ୍। ମୃଗାଣାଂ ଚ ମୃଗେନ୍ଦ୍ରୋଽହଂ ବୈନତେୟଶ୍ଚ ପକ୍ଷୀଣାମଃ।' ଅର୍ଥାତ୍ ଦୈତ୍ୟମାନଙ୍କ ମଧ୍ୟରୁ ମୁଁ ହେଉଛି ପ୍ରହ୍ଲାଦ ଏବଂ ଗଣନାକାରୀଙ୍କ ମଧ୍ୟରେ କାଳ ତଥା ମୁଁ ପଶୁ ମାନଙ୍କ ମଧ୍ୟରେ ସିଂହ ଓ ପକ୍ଷୀମାନଙ୍କ ମଧ୍ୟରେ ଗରୁଡ଼। ସହଜ ଅର୍ଥରେ କହିଲେ ଭଗବାନ ଶ୍ରୀକୃଷ୍ଣ ଭକ୍ତ ପ୍ରହ୍ଲାଦଙ୍କୁ ସର୍ବଶ୍ରେଷ୍ଠ ଦୈତ୍ୟ ରୂପେ ବର୍ଣ୍ଣନା କରିଛନ୍ତି। ପ୍ରହ୍ଲାଦଙ୍କ ପବିତ୍ର ଜୀବନ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ। ତାଙ୍କ ଜୀବନରୁ ଆମକୁ ଅନେକ ଶିକ୍ଷା ମିଳିଥାଏ। ଯେପରିକି - ସର୍ବଶକ୍ତିମାନ ଈଶ୍ୱରଙ୍କ ଠାରେ ସର୍ବଦା ବିଶ୍ୱାସ ରଖିବା ଉଚିତ। ନିଶ୍ଚଳ ଭକ୍ତି ପାଇଁ କୌଣସି ବୟସସୀମା ନଥାଏ। ଭଗବାନ ସର୍ବତ୍ର ବିରାଜମାନ କରିଥାନ୍ତି। ଭଗବାନ ସବୁବେଳେ ଉପସ୍ଥିତ ଥାଆନ୍ତି। ଈଶ୍ୱର ନିଜ ଭକ୍ତକୁ ସର୍ବଦା ରକ୍ଷା କରିଥାନ୍ତି। ଦୁଷ୍ଟମାନଙ୍କର ସଂହାର କରିଥାନ୍ତି। ଅଜ୍ଞାତରେ ହେଲେ ବି ସେ ଦୁହେଁ ଉପବାସ ରହିଛି ସେ ଦିନ ବ୍ରତ ପାଳନ କରିଥିବାରୁ ସମସ୍ତ ପାପରୁ ମୁକ୍ତ ହେଲେ। ପୂଣ୍ୟ ଅର୍ଜନ କରିଥିବାରୁ ଉକ୍ତ ଗଣିକା ବ୍ରତ ଫଳରୁ ଅପ୍ସରା ହୋଇ ସ୍ୱର୍ଗକୁ ଫେରିଗଲା। ଭକ୍ତ ପ୍ରହ୍ଲାଦ ହିରଣ୍ୟକଶିପୁର ପୁତ୍ର ରୂପେ ଜନ୍ମ ନେଇ ଶ୍ରୀବିଷ୍ଣୁଙ୍କ ପରମ ଭକ୍ତ ହେଲେ। ନୃସିଂହ ବ୍ରତ କଲେ ଭକ୍ତ ଦୀର୍ଘାୟୁ, ଧନ, ଐଶ୍ୱର୍ଯ୍ୟ ଲାଭ କରିଥାଏ। ମହିଳାମାନେ ସ୍ୱାମୀ-ସନ୍ତାନ ସୁଖ ପ୍ରାପ୍ତ କରିଥାନ୍ତି। ଏହି ଦିନ ପୁରୀ ଶ୍ରୀମନ୍ଦିରରେ ନୃସିଂହ ଜନ୍ମୋତ୍ସବ ପାଳନ କରାଯାଇଥାଏ।

କର୍ମକାଣ୍ଡ ବିଶାରଦ ଓ ଜ୍ୟୋତିଷ ପରାମର୍ଶଦାତା, 'ମା ଶାରଳା ଆଷ୍ଟ୍ରୋ ପଏଣ୍ଟ' ସେକ୍ଟର-୭, ସିଡିଏ, କଟକ, ଦୂରଭାଷ : ୭୦୦୮୦୦୦୮୯୮


# ରାସ୍ତା ଉପରେ ରାଜ କରୁଛନ୍ତି ଉଠାଦୋକାନୀ

- ଟ୍ରାଫିକ୍ ଜାମ୍‌ରେ ହନ୍ତସନ୍ତ ଲୋକେ
- ଜିଲ୍ଲା ପ୍ରଶାସନଙ୍କ ହସ୍ତକ୍ଷେପ ଦାବି

**ବାଲେଶ୍ୱର,୨୦।୫ :** ଦିନକୁ ଦିନ ବାଲେଶ୍ୱର ସହରର ବିକାଶ ସହିତ ଲୋକସଂଖ୍ୟା ଓ ଯାନବାହନ ସଂଖ୍ୟା ମଧ ବେପରୁଆ ଭାବେ ବଢୁଛି। ଫଳରେ ସହରର ମୁଖ୍ୟ ରାସ୍ତା ସହ ଗଳିକନ୍ଦିରେ ସବୁବେଳେ ଯାତାୟାତ ଚାପ ଲାଗିରହୁଛି। ବିଶେଷକରି ଏଡିଏମ୍ ଛକରୁ ଆଜିମାବାଦକୁ ସଂଯୋଗ କରୁଥିବା ରାଜାବଗିଚା ରାସ୍ତାର ଅବସ୍ଥା ଦିନକୁ ଦିନ ଅସହ୍ୟ ହେଉଛି। ମ୍ୟୁନିସିପାଲଟି ପକ୍ଷରୁ ନିର୍ମିତ ବିଭିନ୍ନ ମାର୍କେଟ୍ କମ୍ପ୍ଲେକ୍ସ ରାସ୍ତା ପାର୍ଶ୍ୱରେ ଥିବାରୁ ଗ୍ରାହକମାନେ ରାସ୍ତା ଉପରେ କାର୍, ବାଇକ୍ ଓ ସାଇକେଲ୍ ପାର୍କିଂ କରୁଛନ୍ତି। ଏହାସହ ଅନେକ ସ୍ଥାନରେ ଉଠାଦୋକାନୀମାନେ ରାସ୍ତା ଦଖଲ କରି ବ୍ୟବସାୟ କରୁଥିବାରୁ ଯାତାୟାତରେ ଗୁରୁତର ସମସ୍ୟା ସୃଷ୍ଟି ହେଉଛି। ରାଜାବଗିଚା ରାସ୍ତାରେ ବିଭିନ୍ନ ଖାଦ୍ୟ ଷ୍ଟଲ୍ ଓ ଉଠାଦୋକାନ ଲାଗୁଥିବା ବେଳେ ସନ୍ଧ୍ୟା ସମୟରେ ଅତ୍ୟଧିକ ଭିଡ଼ ଦେଖିବାକୁ ମିଳୁଛି। ରାସ୍ତା ଉପରେ ଯଥେଷ୍ଟ ପାର୍କିଂ ବ୍ୟବସ୍ଥା ନଥିବାରୁ ଲୋକେ ରାସ୍ତାରେ ହିଁ ଗାଡ଼ି ରଖୁଛନ୍ତି। ଫଳରେ ସାଧାରଣ ଲୋକଙ୍କୁ ରାସ୍ତା ପାରିହେବା ପାଇଁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ଉଲ୍ଲେଖଯୋଗ୍ୟ ଯେ, କିଛି ବର୍ଷ ପୂର୍ବେ ସହରର ଷ୍ଟେସନ୍ ଛକ, ପବ୍ଲିକ୍ ହାଇସ୍କୁଲ୍ ଛକ ଓ ଏଡିଏମ୍ ଛକ ଅଞ୍ଚଳରୁ ଉଠାଦୋକାନୀମାନଙ୍କୁ ହଟାଇ ଟ୍ରାଫିକ୍ ପୁଲିସ ପକ୍ଷରୁ ରାଜାବଗିଚା ରାସ୍ତାକଡ଼ରେ ଥଇଥାନ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ସେହି ନିଷ୍ପତ୍ତି ସହରବାସୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏହି ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ରାସ୍ତାରୁ ଅବୈଧ କବ୍‌ଜା ହଟାଇବା ସହ ଯାନଚଳାଚଳ ସୁବ୍ୟବସ୍ଥିତ କରିବାକୁ ବୁଦ୍ଧିଜୀବୀ ଓ ସାଧାରଣ ଲୋକ ଦାବି କରିଛନ୍ତି। ସେପଟେ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ଯେ, ରାଜାବଗିଚା ଅଞ୍ଚଳର କିଛି ଉଠାଦୋକାନୀଙ୍କୁ ସୁରକ୍ଷା ଦେବା ନାମରେ କେତେକ ରାଜନୈତିକ ବ୍ୟକ୍ତିଙ୍କ ପକ୍ଷରୁ ମାସିକ ଟଙ୍କା ଆଦାୟ ହେଉଛି। ବଡ଼ ଦୋକାନ ପିଛା ପ୍ରାୟ ୩ ହଜାର ଓ ଛୋଟ ଦୋକାନ ପିଛା ୧ ହଜାର ଟଙ୍କା ନିଆଯାଉଥିବା ଅଭିଯୋଗ ହେଉଛି।



## ଯୁକ୍ତ ଦୁଇ ବିଜ୍ଞାନ କଳା ପ୍ରକାଶିତ
## ୫୯୬ ମାର୍କ ରଖିଲେ ବିରେନ ପ୍ରଧାନ



**ପାତ୍ରପୁର,୨୦।୫ :** ସାରା ରାଜ୍ୟରେ ଯୁକ୍ତ ଦୁଇ ପରୀକ୍ଷା ଫଳାଫଳ ଘୋଷଣା ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପାତ୍ରପୁର ବ୍ଲକର ବିରେନ ପ୍ରଧାନ ୯୯.୩୩ ପ୍ରତିଶତ ମାର୍କ ରଖି ପାତ୍ରପୁର ଅଞ୍ଚଳରେ ସୁନାମ ଅର୍ଜନ କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ଖରଣୀପଡା ପଞ୍ଚାୟତ ଅନ୍ତର୍ଗତ ଗୋଠଗାଁ ଗ୍ରାମର ବାହନ ପ୍ରଧାନ ଓ ସୂର୍ଯ୍ୟ ଲତା ପ୍ରଧାନଙ୍କ ସୁଯୋଗ୍ୟ ସନ୍ତାନ ଏକ ଦିନ ମଜୁରୀଆ ପରିବାରରୁ ଜନ୍ମଗ୍ରହଣ କରିଥିଲେ। ଖରଣୀପଡା ସ୍ଥିତ ଗୋପିନାଥ ବିଦ୍ୟାପିଠରେ ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ପରବର୍ତ୍ତୀ ସମୟରେ ବ୍ରହ୍ମପୁର ସ୍ଥିତ ଆରିୟନ ଗୁରୁକୁଳରେ ଯୁକ୍ତ ଦୁଇ ବିଜ୍ଞାନ ବିଭାଗରେ ପାଠପଢି ଆଜିର ଯୁକ୍ତ ଦୁଇ ବିଜ୍ଞାନରେ ମୋଟ ୫୯୬ ମାର୍କ ରଖି କୃତିତ୍ୱ ହାସଲ କରିଛନ୍ତି। ଏହି ସଫଳତା ପାଇଁ ବିରେନ ଅନୁଷ୍ଠାନର ଗୁରୁଜୀ,ଗୁରୁମା ଓ ପିତା ମାତାଙ୍କୁ ଶ୍ରେୟ ଦେଇଛନ୍ତି। ଜଣେ ଦିନ ମଜୁରୀଆଙ୍କ ଘରେ ଜନ୍ମ ଗ୍ରହଣ କରି ଏତେ ବଡ଼ ସଫଳତା ହାସଲ କରିଥିବାରୁ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀଙ୍କ ପ୍ରସଂଶାର ଶୁଅ ଛୁଟୁଛି। ଭବିଷ୍ୟତରେ ସେ ଜଣେ ଡାକ୍ତର ହୋଇ ଲୋକଙ୍କ ସେବା କରିବାକୁ ଆଶା ରଖିଛନ୍ତି।

## ଯୁକ୍ତ ଦୁଇ ପରୀକ୍ଷାରେ ଚିକିଟୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା




**ଚିକିଟୀ,୨୦।୫:** ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଯୁକ୍ତ ଦୁଇ କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇଛି ଏବଂ ଏଥିରେ ଚିକିଟୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଛି ଓ ଯୁକ୍ତ ଦୁଇ ବିଜ୍ଞାନରେ ମୋଟ ୧୨୪ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୬୭ ଜଣ ପ୍ରଥମ ଶ୍ରେଣୀ, ୩୩ ଜଣ ଦ୍ୱିତୀୟ ଶ୍ରେଣୀ ଓ ୧୦ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।୮୮ ପ୍ରତିଶତ ପାସ୍ ହାର ସହ ମୋଟ ୧୧୦ ଜଣ କୃତକାର୍ଯ୍ୟ ହୋଇଛନ୍ତି । ବିଦ୍ୟାଳୟର ଛାତ୍ରୀ ରେଶ୍ମା ରାଣୀ ବେହେରା ବିଜ୍ଞାନରେ ୫୪୯ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି ଓ ଯୁକ୍ତଦୁଇ କଳାରେ ୨୪୮ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୯୭ ଜଣ ପ୍ରଥମ ଶ୍ରେଣୀ, ୬୪ ଜଣ ଦ୍ୱିତୀୟ ଶ୍ରେଣୀ ଓ ୭୨ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।୯୩ ପ୍ରତିଶତ ପାସ୍ ହାର ସହ ମୋଟ ୨୩୩ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି ଓ ଛାତ୍ରୀ ମମତା ପ୍ରଧାନ କଳାରେ ମୋଟ ୫୩୪ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି । ଅଧକ୍ଷ ସୁନୀଲ କୁମାର ପଣ୍ଡା କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ବିଦ୍ୟାଳୟର ଉତ୍କୃଷ୍ଟ ଶିକ୍ଷା ପରିବେଶ, ଅଧାପିକା ଓ ଅଧାପକମାନଙ୍କ ଉଚିତ ଦିଗଦର୍ଶନ, ମାତାପିତା ଓ ମା' ବାଳକୁମାରୀଙ୍କ ଆଶୀର୍ବାଦ ଏବଂ ନିଜର କଠିନ ପରିଶ୍ରମ ଯୋଗୁଁ ଏହି ସଫଳତା ହାସଲ କରିପାରିଛନ୍ତି ବୋଲି ଛାତ୍ରୀଛାତ୍ରମାନେ କହିଥିଲେ ଓ ବିଦ୍ୟାଳୟର ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

### ଖବର ପ୍ରକାଶ ପରେ ପରିଦର୍ଶନ

## ଚାରିଛକ ଷ୍ଟେସନ୍, ପୁରୁଣାକଟକ ଓଭରବ୍ରିଜ୍‌ର କଲେ ତଦାରଖ

### ସମ୍ପୃକ୍ତ ଠିକା ସଂସ୍ଥା କୁ ତାଗିଦ କଲେ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ



**ବୌଦ୍ଧ,୨୦।୫ :** ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଆଜି ଖୋର୍ଦ୍ଧା ବଲାଙ୍ଗୀର ରେଳ ରାସ୍ତାର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ ଓ ପ୍ରଗତିର ସମୀକ୍ଷା ସହିତ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସ୍ଥିତି ସମୀକ୍ଷା ପାଇଁ ଗସ୍ତ କରିଥିଲେ। ସକାଳ ପ୍ରାୟ ୯.୩୦ ଘଟିକାରେ ଜିଲ୍ଲାପାଳ ତିରିଶ ମାଇଲ୍ ଗ୍ରାମକୁ ପହଞ୍ଚି ପ୍ରସ୍ତାବିତ ଚାରିଛକ ରେଳ ଷ୍ଟେସନ୍ ନିର୍ମାଣ ସ୍ଥଳ ପରିଦର୍ଶନ କରିଥିଲେ। ସେଠାରେ ରେଳ ଷ୍ଟେସନ୍ ନିକଟରେ ଥିବା ଅତିକ୍ରମଣକୁ ତୁରନ୍ତ ହଟାଇବା ପାଇଁ ତହସିଲଦାର କର୍ଣ୍ଣ ସୁନାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସେ ପୁରୁଣାକଟକ ରେଳ ଓଭରବ୍ରିଜ୍ କାର୍ଯ୍ୟସ୍ଥଳ ପରିଦର୍ଶନ କରିଥିଲେ। ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଅବଶିଷ୍ଟ କାର୍ଯ୍ୟ ୭ ଦିନ ମଧ୍ୟରେ ସମାପ୍ତ କରିବାକୁ ସମ୍ପୃକ୍ତ ରେଳ ବିଭାଗର ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଏହାପରେ ଜିଲ୍ଲାପାଳ ପାଣିଘରା ଅଞ୍ଚଳକୁ ଯାଇ ମଧାହ୍ନ ସମୟରେ ଇଣ୍ଟେକ୍ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ ଏବଂ କାର୍ଯ୍ୟକୁ ଗୁଣାତ୍ମକ ଓ ସମୟୋପଯୋଗୀ ଭାବେ ସମାପ୍ତ କରିବାକୁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୟରେ ସେ ବୁଲୁରା ସାହି, ଭେଜିଗୁରା ଏବଂ ମଲ୍ଲିକପଡା ଗ୍ରାମ ପରିଦର୍ଶନ କରିଥିଲେ। ସେଠାରେ ସରକାରୀ ଜମିରେ ହୋଇଥିବା ଅତିକ୍ରମଣ ସମ୍ବନ୍ଧରେ ସମୀକ୍ଷା କରି ତହସିଲଦାରଙ୍କୁ ଅତିକ୍ରମଣ ହଟାଇବା ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।ଏହି ଗସ୍ତ ସମୟରେ ହରଭଂଗା ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ପ୍ରଧାନ, ତହସିଲଦାର କର୍ଣ୍ଣ ସୁନା ଏବଂ ଅତିରିକ୍ତ ତହସିଲଦାର ଶୁଭଦର୍ଶନ ଧଳ ଓ ରେଳ ଅଧିକାରୀ ଉପସ୍ଥିତ ଥିଲେ।

## ବାଲେଶ୍ୱରରେରେ କାଳବୈଶାଖୀର ତାଣ୍ଡବ



**ବାଲେଶ୍ୱର,୨୦।୫:** ଯାନବାହନ ଚଳାଚଳ ବାଧାପ୍ରାପ୍ତ କାଳବୈଶାଖ ୨1ର ତାଣ୍ଡବ ବାଲେଶ୍ୱରରେ ହୋଇଛି। ଭାରତୀୟ ପାଣିପାଗ ବିଭାଗ ଦେଖିବାକୁ ମିଳିଛି। ସୋମବାର ଦିନ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପାଣିପାଗ ବିଭାଗ ବୁଲେଟିନ୍‌ରେ ବର୍ଷା ଶୂନ ଥିଲା । କିନ୍ତୁ ସନ୍ଧ୍ୟା ହେବା ପରେ ବାଲେଶ୍ୱର ପାଗ ହଠାତ୍ ବଦଳିଥିଲା। ହଠାତ୍ ପ୍ରବଳ ବର୍ଷା ସହ ଭୀଷଣ ପବନ ଏବଂ ବାରମ୍ବାର ଘଡଘଡି ମାରୁଥିଲା । ଏଥିସହିତ ଘୂର୍ଣ୍ଣିଝଡ଼ ଆରମ୍ଭ ହୋଇଥିଲା । ଦିନସାରା ୪୦.୨ ଡିଗ୍ରୀ ସେଲସିୟସ ତାତି ପରେ ଆସିଥିବା ଏହି କାଳବୈଶାଖୀ ଜନଜୀବନକୁ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ସହ ଆଶ୍ୱସ୍ତ ଦେଇଛି। ପ୍ରବଳ ପବନ ଯୋଗୁଁ ଗଛ ଡାଳ ଭାଙ୍ଗି ରାସ୍ତା ଉପରେ ପଡିଛି। ବିଜୁଳି ତାର ଲାଇନ୍ ଛିଡି ଯିବାର ଆଶଙ୍କା ସୃଷ୍ଟି ହୋଇଛି। ପ୍ରବଳ ବର୍ଷା ଯୋଗୁଁ ସହର ତଳିଆ ଅଞ୍ଚଳରେ ପାଣି ଜମିବା ଆରମ୍ଭହୋଇଛି। ଦୃଶ୍ୟମାନତା କମିଯାଇଥିବାରୁ ଭୁବନେଶ୍ୱର କେନ୍ଦ୍ର ପକ୍ଷରୁ ଆଜି ସନ୍ଧ୍ୟା ୭ ଟାରେ ଜାରି ହୋଇଥିବା ବୁଲେଟିନ୍ ଅନୁଯାୟୀ ବାଲେଶ୍ୱରେ ୨୪ ଘଣ୍ଟାରେ ବର୍ଷା ନଥିଲା ଓ କିନ୍ତୁ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ହୋଇଛି। ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ସକାଳର ତାତି ପରେ ସନ୍ଧ୍ୟାର କାଳବୈଶାଖୀ ଟିକେ ଆଶ୍ୱସ୍ତି ଦେଇଛି।

# ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ଜିଲ୍ଲା ପ୍ରଶିକ୍ଷଣ ଶିବିର

**ବାଲେଶ୍ୱର,୨୦।୫ :** ବାମପଦା ସ୍ଥିତ ନୋଷି ବିଜିନେସ ପାର୍କର ଅଡିଟେରିୟମ ହଲ୍ ପରିସରରେ ଆଜି ପୂର୍ବାହ୍ନ, ୧୧ଘଟିକା ରେ ବାଲେଶ୍ୱର ଜିଲ୍ଲା ବିଜେପିର ଦିନ ଦୟାଲ ଉପାଧ୍ୟାୟ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ଶେଖରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜିଲ୍ଲା ପ୍ରଶିକ୍ଷଣ ଶିବିରରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବେଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଜିଲ୍ଲା ପ୍ରଭାରୀ ଗୌତମ ରାୟ ରାଜ୍ୟ ସରକାରଙ୍କ ଉପ ମୂଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବର୍ଗ ପ୍ରଭାରୀ ଆଶୁତୋଷ ପରିଡ଼ା, ସହ ପ୍ରଭାରୀ ତଥା ରାଜ୍ୟ ବିଜେପି ପ୍ରବକ୍ତା ହିତେଶ ମହାପାତ୍ର ପ୍ରମୁଖ ଉଦଘାଟନୀ ସମାରୋହରେ ମଞ୍ଚାସୀନ ରହି ନିଜ ବକ୍ତବ୍ୟରେ ଶିବିରାର୍ଥିଙ୍କୁ ପ୍ରଶିକ୍ଷଣ ସମ୍ବନ୍ଧରେ ବାର୍ତ୍ତା ରଖିଥିଲେ, ଜିଲ୍ଲା ସାଧାରଣ ସମ୍ପାଦକ ତଥା ବର୍ଗ ପ୍ରମୁଖ ଚନ୍ଦ୍ର ଶେଖର ନନ୍ଦ ମଞ୍ଚ ପରିଚାଳନା କରିଥିଲେ , ୨ଦିନ ଧରି ଏହି ପ୍ରଶିକ୍ଷଣ ବର୍ଗ ଚାଲିବ ଏହି ବର୍ଗରେ ବିଜେପି ଜିଲ୍ଲା କମିଟି, ରାଜ୍ୟ ପଦାଧିକାରୀ, ମଣ୍ଡଳ ସଭାପତି, ସାଧାରଣ ସମ୍ପାଦକ,ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା ପୂର୍ବତନ ବିଧାୟକ ପୂର୍ବତନ ସାଂସଦ, ବ୍ଲକ୍ ଚେୟାର ମ୍ୟାନ, ମୁନିଶି ପାଲିଟି ଚେୟାର ମ୍ୟାନ ପୂର୍ବତନ ଜିଲ୍ଲା ସଭାପତି ମାନେ ଶିବୀରାର୍ଥି ଭାବରେ ଉପସ୍ଥିତ ଥିଲେ , ଦୁଇ ଦିନରେ ମୋଟ ୧୭ ସତ୍ର ହେବାକୁ ଥିବା ବେଳେ ଆଜି ପ୍ରଥମ ଦିବସ ରେ ମୋଟ ୭ ଟି ଶତ୍ର ହୋଇଥିଲା ।, ପ୍ରଥମ ସତ୍ର ର ପ୍ରଶିକ୍ଷକ ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଥିବା ବେଳେ ପୂର୍ବତନ ଜିଲ୍ଲା ସଭାପତି ତଥା ଉତ୍ତର ବାଲେଶ୍ୱର ସାଙ୍ଗଠନିକ ଜିଲ୍ଲା ପ୍ରଭାରୀ ଉମାକାନ୍ତ ମହାପାତ୍ର ଅଧକ୍ଷତା କରିଥିଲେ, ସେହି ଭଳି ଭାବରେ ୨ୟ ସତ୍ର ରେ ସୁରଥ ବିଶ୍ୱାଳ ପ୍ରଶିକ୍ଷକ ଭାବେ ଯୋଗଦାନ କରିଥିବା ବେଳେ ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟା ସୁଷମା ରାଣୀ ବିଶ୍ୱାଳ ଅଧକ୍ଷତା କରିଥିଲେ, ୩ୟ ସତ୍ର ର ପ୍ରଶିକ୍ଷକ କବି ବିଷ୍ଣୁ ଶତପଥୀ ଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡା ଅଧକ୍ଷତା କରିଥିଲେ, ୪ର୍ଥ ସତ୍ର ରେ ସାରଦା ପ୍ରସନ୍ନ ସତପଥୀ ପ୍ରଶିକ୍ଷକ ଥିବା ବେଳେ ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା ଅଧକ୍ଷତା କରିଥିଲେ। ପଞ୍ଚମ ସତ୍ର ଠାକୁର ରଞ୍ଜିତ ଦାସ ଅଧକ୍ଷତା କରିବା ସହ ଗୌତମ ରାୟ ପ୍ରଶିକ୍ଷଣ ଦେଇଥିଲେ, କାର୍ଯ୍ୟକ୍ରମ ପ୍ରାରମ୍ଭ ରେ ବନ୍ଦେ ମାତରମ୍, ଶେଷରେ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରାଯାଇଥିଲା ତତ୍ ସହ ସମସ୍ତ ସତ୍ର ପ୍ରାରମ୍ଭ ରେ ସାମୂହିକ ସଙ୍ଗୀତ ଗାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଉପ ସଭାପତି ବିଜୟ ସାହୁ, ରାଜେଶ ମହାପାତ୍ର, ରାଜ୍ୟ ଯୁବ ମୋର୍ଚ୍ଚା ସଂପାଦକ ଶଶିକାନ୍ତ ମିଶ୍ର, ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁସ୍ମିତା ପଣ୍ଡା ପ୍ରମୁଖ ମଞ୍ଚ ଦାୟିତ୍ୱ ରେ ଥିବା ବେଳେ ଜିଲ୍ଲା ଗଣ ମାଧମ ସଂଯୋଜକ ଶ୍ରୀନିବାସ ପ୍ରଧାନ ଓ ସହ ସଂଯୋଜକ ରଣଜିତ୍ ପୃଷ୍ଟି ଗଣମାଧମ ଦାୟିତ୍ୱ ସମ୍ପାଦନ କରିବା ସହିତ ଶିବିରର ପଞ୍ଜିକରଣ ବ୍ୟବସ୍ଥା ବୁଝିଥିଲେ, ଜିଲ୍ଲା କୋଷାଧକ୍ଷ ମୋହିତ ପୋଦ୍ଦାର, ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ନାରାୟଣ ମହନ୍ତ, ଯୁବ ନେତା ସୂର୍ ଝଙ୍କାର ସେଠୀ, ସୁମନ୍ତ ମହାଳିକ, ସୁରଜ୍ ବିଶାଳ , ନିଗମାନନ୍ଦ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।




## ଫକୀରମୋହନ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମହିତ ପଟ୍ଟନାୟକ ଟପ୍ପର

### ୫୯୫ ନମ୍ବର ରଖି କଲେଜରେ ସର୍ବାଧିକ ମାର୍କ ହାସଲ



**ବାଲେଶ୍ୱର,୨୦।୫ :** ଚଳିତ ବର୍ଷ ପ୍ରକାଶିତ ଯୁକ୍ତ ଦୁଇ ପରୀକ୍ଷା ଫଳାଫଳରେ ବାଲେଶ୍ୱରର ଫକୀରମୋହନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ର ମହିତ ପଟ୍ଟନାୟକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ସେ ମୋଟ ୬୦୦ ନମ୍ବରରୁ ୫୯୫ ନମ୍ବର ରଖି କଲେଜରେ ସର୍ବାଧିକ ମାର୍କ ହାସଲ କରି ଟପ୍ପର ହୋଇଛନ୍ତି। ମହିତଙ୍କ ଏହି ଅସାଧାରଣ ସଫଳତା ପରେ କଲେଜ ପରିବେଶରେ ଖୁସିର ଲହରୀ ଖେଳିଯାଇଛି । ଶିକ୍ଷକ ଓ ସହପାଠୀମାନେ ତାଙ୍କୁ ଅଭିନନ୍ଦନ ଜଣାଇଥିବାବେଳେ ପରିବାରରେ ମଧ ଆନନ୍ଦର ମାହୋଲ୍ ସୃଷ୍ଟି ହୋଇଛି। ମହିତଙ୍କ ପିତା ସମରେନ୍ଦ୍ର କୁମାର ପଟ୍ଟନାୟକ ଓ ମାତା ଇତିଶ୍ରୀ ପଟ୍ଟନାୟକ ପୁଅର ସଫଳତାରେ ଗର୍ବିତ ବୋଲି କହିଛନ୍ତି । ବାଲେଶ୍ୱର ଗୋପାଳଗାଁ ଅଞ୍ଚଳର ବାସିନ୍ଦା ମହିତ ନିୟମିତ ପଢ଼ାଶୁଣା ଓ କଠିନ ପରିଶ୍ରମ ଫଳରେ ଏହି ସଫଳତା ହାସଲ କରିଥିବା କହିଛନ୍ତି । ଭବିଷ୍ୟତରେ ଉଚ୍ଚ ଶିକ୍ଷା ଗ୍ରହଣ କରି ଦେଶ ପାଇଁ କିଛି କରିବା ତାଙ୍କର ଲକ୍ଷ୍ୟ ବୋଲି ମହିତ ପ୍ରକାଶ କରିଛନ୍ତି ।

## ଛଅ ଦିନ ଧରି ପଶ୍ଚିମେଶ୍ୱରଙ୍କ ବାଲ ଧୂପ ବନ୍ଦ

### ଭୋଗ ନ ପାଇ ଅପେକ୍ଷାରେ ମହାଦେବ



**ଜଗତସିଂହପୁର,୨୦।୫ :** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବର୍ଣିତ ଗ୍ରାମରେ ଅବସ୍ଥିତ ପ୍ରସିଦ୍ଧ ଶ୍ରୀ ପଶ୍ଚିମେଶ୍ୱର ମହାଦେବ ମନ୍ଦିରରେ ଦୀର୍ଘ ଛଅ ଦିନ ଧରି ବାଳ ଧୂପ ବନ୍ଦ ରହିଥିବା ଘଟଣାକୁ ନେଇ ସେବାୟତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ନିୟମିତ ଭାବେ ପ୍ରଭୁଙ୍କ ପାଖରେ ହେଉଥିବା ବାଳ ଭୋଗ ବନ୍ଦ ହୋଇଯାଇଥିବାରୁ ଭକ୍ତମାନଙ୍କ ମନରେ ମଧ କ୍ଷୋଭ ଦେଖାଦେଇଛି। ସେବାୟତମାନଙ୍କ ଅଭିଯୋଗ ଅନୁଯାୟୀ, ଜାଗିରି ପାଇଥିବା ଗୁଡ଼ିଆ ସେବକମାନେ ନିଜ ପାଳୀରେ ମନ୍ଦିରକୁ ଆସି ପ୍ରଭୁଙ୍କ ପାଇଁ ଉଖୁଡା ମୁଆ ପ୍ରସ୍ତୁତ କରି ବାଳ ଭୋଗ ଲାଗି କରିଥାନ୍ତି। ପ୍ରତିଦିନ ମାଇଲମ ନୀତି ପରେ ଏହି ବାଳ ଧୂପ ସମ୍ପନ୍ନ ହୋଇଥାଏ। ମାତ୍ର ଧଡି ସାହୁଙ୍କ ବଂଶଧରମାନେ ବାହାରେ ରହୁଥିବାରୁ ପାଳୀ କରିବାକୁ ଆସୁନଥିବା ଫଳରେ ଏହି ସେବା ସମ୍ପୂର୍ଣ୍ଣ ଭାବେ ବନ୍ଦ ପଡ଼ିଛି। ସେବାୟତମାନଙ୍କ କହିବା ଅନୁସାରେ, ଏନେଇ ସେବାୟତ ନିଯୋଗ ସମିତି ଓ ମନ୍ଦିର ଟ୍ରଷ୍ଟକୁ ଅବଗତ କରାଯାଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି ସମାଧାନ ହୋଇପାରିନାହିଁ। ଫଳରେ ପ୍ରଭୁ ପର୍ଶ୍ଚିମେଶ୍ୱର ଦିନ ବାରଟା ପର୍ଯ୍ୟନ୍ତ ଅର୍ଣ୍ଣ ଧୂପକୁ ଅପେକ୍ଷା କରି ରହୁଥିବା ବେଳେ ବାଳ ଭୋଗରୁ ବଞ୍ଚିତ ହେଉଛନ୍ତି। ଧାର୍ମିକ ପରମ୍ପରା ସହ ଜଡିତ ଏହି ସମସ୍ୟାର ଶୀଘ୍ର ସମାଧାନ କରି ନିୟମିତ ନୀତିକାନ୍ତି ପୁନର୍ବାର ଆରମ୍ଭ କରିବାକୁ ଭକ୍ତ ଓ ସେବାୟତମାନେ ଦାବି କରିଛନ୍ତି।

## ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ସମ୍ପର୍କରେ ଆଲୋଚନା




**ବାଲେଶ୍ୱର,୨୦।୫:** ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (Special Intensive Revision of Electoral Roll) କାର୍ଯ୍ୟକ୍ରମ ସମ୍ପର୍କରେ ଆଜି ବାଲେଶ୍ୱର ନୂତନ ଜିଲ୍ଲାପାଳ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ସମସ୍ତ ପ୍ରମୁଖ ରାଜନୈତିକ ଦଳର ପ୍ରତିନିଧି ଏବଂ ନିର୍ବାଚନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ବୈଠକରେ ଚଳିତ ବର୍ଷ ଜୁଲାଇ ୧, ୨୦୨୬ କୁ କୁଆଲିଫାଇଂ ତାରିଖ ଭାବେ ଗ୍ରହଣ କରାଯାଇ ଭୋଟର ତାଲିକାରେ ନୂତନ ନାମ ସାମିଲ, ସଂଶୋଧନ ଏବଂ ମୃତ ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଯେଉଁ ନାଗରିକମାନଙ୍କୁ ୧ ଜୁଲାଇ ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ହେଉଥିବ, ସେମାନେ ନିଜର ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ବୈଠକରେ ଉପସ୍ଥିତ ଥିବା ସମସ୍ତ ରାଜନୈତିକ ଦଳର ପ୍ରତିନିଧି ମାନେ ଏହି ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ଏକ ସ୍ୱଚ୍ଛ, ନିର୍ଭୁଲ୍ ଏବଂ ସମୃଦ୍ଧ ଭୋଟର ତାଲିକା ପ୍ରସ୍ତୁତ କରିବା ପାଇଁ ପ୍ରତ୍ୟେକ ରାଜନୈତିକ ଦଳ ନିଜ ନିଜ ସ୍ତରରେ ବୁଥ୍ ସ୍ତରୀୟ ଏଜେଣ୍ଟ (BLA) ନିଯୁକ୍ତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି, ଯେପରି ସ୍ଥାନୀୟ ବୁଥ୍ ସ୍ତରୀୟ ଅଧିକାରୀ (BLO) ମାନଙ୍କ ସହ ମିଶି କାର୍ଯ୍ୟ ସହଜ ହୋଇପାରିବ। ଶେଷରେ, ବାଲେଶ୍ୱର ଜିଲ୍ଲାର ଗଣତନ୍ତ୍ରକୁ ଅଧିକ ମଜବୁତ କରିବା ପାଇଁ ଏବଂ କୌଣସି ଯୋଗ୍ୟ ଭୋଟର ଯେପରି ନିଜର ଅଧିକାରରୁ ବଞ୍ଚିତ ନ ହେବେ, ସେଥିପାଇଁ ସମସ୍ତ ରାଜନୈତିକ ଦଳ ଏବଂ ସାଧାରଣ ଜନତାଙ୍କ ସକ୍ରିୟ ସହଭାଗିତା କାମନା କରାଯାଇଛି। ଏହି ବୈଠକରେ ଜିଲ୍ଲାର ସମସ୍ତ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (AEROs) ଏବଂ ନିର୍ବାଚନ ସେଲ୍‌ର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ବିଜେଡିରେ ବଢୁଛି ଅସନ୍ତୋଷ

# ଦଳ ଛାଡ଼ିଲେ ଯୁବ ନେତା ମାନଭଞ୍ଜନ ମଲ୍ଲ



**ଜଗତସିଂହପୁର,୨୦।୫ :** ପାରାଦୀପ ନିର୍ବାଚନମଣ୍ଡଳୀର ରାଜନୀତିରେ ଏବେ ନୂଆ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛି ବିଜେଡି ଯୁବ ନେତା ମାନଭଞ୍ଜନ ମଲ୍ଲଙ୍କ ଇସ୍ତଫା । ଦୀର୍ଘଦିନ ଧରି ବିଜୁ ଜନତା ଦଳ ସହ ଜଡିତ ରହିଥିବା ମାନଭଞ୍ଜନ ମଲ୍ଲ ଦଳର ପ୍ରାଥମିକ ସଦସ୍ୟତା ସହ ସମସ୍ତ ପଦ ପଦବୀରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି । ଏନେଇ ସେ ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ ଏବଂ ଜଗତସିଂହପୁର ଜିଲ୍ଲା ବିଜେଡି ସଭାପତି ପ୍ରଶାନ୍ତ ମୁଦୁଲିଙ୍କୁ ନିଜ ଇସ୍ତଫା ପତ୍ର ପଠାଇଥିବା ସୂଚନା ମିଳିଛି । କୁଜଙ୍ଗ ବ୍ଲକ ଅନ୍ତର୍ଗତ ବିସ୍ୱାଳି ପଞ୍ଚାୟତରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମାନଭଞ୍ଜନ ମଲ୍ଲ ନିଜ ଇସ୍ତଫା ସମ୍ପର୍କରେ ସୂଚନା ଦେବା ସହ ଦଳ ଛାଡ଼ିବା ପଛର କାରଣ ମଧ୍ୟ ଖୋଲାମେଲା ଭାବେ ପ୍ରକାଶ କରିଥିଲେ । ସେ ବିଜେଡିର ବର୍ତ୍ତମାନ ସଂଗଠନାତ୍ମକ ସ୍ଥିତିକୁ ନେଇ ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ । ମାନଭଞ୍ଜନଙ୍କ ଅଭିଯୋଗ ଅନୁଯାୟୀ, ପାରାଦୀପ ନିର୍ବାଚନମଣ୍ଡଳୀରେ ବିଜେଡିର ସଂଗଠନ ଏବେ କଂଗ୍ରେସରୁ ଆସିଥିବା କିଛି ନେତାଙ୍କ ପ୍ରଭାବରେ ଚାଲିଛି । ସେହି ନେତାମାନେ ଦଳୀୟ ସଂଗଠନକୁ ମଜବୁତ କରିବା ପରିବର୍ତ୍ତେ ନିଜସ୍ୱ ବ୍ୟବସାୟିକ ସ୍ୱାର୍ଥ ଓ ପ୍ରଭାବ ବୃଦ୍ଧିରେ ବ୍ୟସ୍ତ ରହୁଥିବା ସେ ଅଭିଯୋଗ କରିଥିଲେ । ତଳସ୍ତରର କର୍ମୀମାନେ ବିଭିନ୍ନ ସମସ୍ୟାରେ ପଡୁଥିବା ବେଳେ ଦଳର କୌଣସି ନେତୃତ୍ୱ ସେମାନଙ୍କ ପାଖରେ ଠିଆ ହେଉନଥିବାରୁ କର୍ମୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ସେ କହିଥିଲେ । ସେ ଆହୁରି କହିଥିଲେ ଯେ, ଏହି ସମସ୍ୟା ସମ୍ପର୍କରେ ବାରମ୍ବାର ଉପରିସ୍ଥ ନେତୃତ୍ୱଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସକାରାତ୍ମକ ପଦକ୍ଷେପ ନିଆଯାଇନଥିଲା । ଶେଷରେ ନିରାଶ ହୋଇ ସେ ଦଳ ଛାଡ଼ିବାର ନିଷ୍ପତ୍ତି ନେଇଥିବା ପ୍ରକାଶ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ମାନଭଞ୍ଜନ ମଲ୍ଲ ପୂର୍ବରୁ ବିସ୍ୱାଳି ପଞ୍ଚାୟତର ସମିତି ସଭ୍ୟ ଭାବେ କାର୍ଯ୍ୟ କରିଥିବା ବେଳେ ତାଙ୍କ ଧର୍ମପତ୍ନୀ ବର୍ତ୍ତମାନ ସେହି ପଞ୍ଚାୟତର ସରପଞ୍ଚ ଭାବେ କାର୍ଯ୍ୟରତ ଅଛନ୍ତି । ଦୀର୍ଘଦିନ ଧରି ମଲ୍ଲ ପରିବାର ବିଜେଡି ସଂଗଠନ ସହ ଜଡିତ ରହିଆସୁଥିବାରୁ ତାଙ୍କ ଇସ୍ତଫା ପାରାଦୀପ ବିଜେଡି ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିପାରେ ବୋଲି ଚର୍ଚ୍ଚା ଜୋର ଧରିଛି ।

# ତ୍ରିନାଥ ବଜାରରେ ଟ୍ରାଫିକ୍ ଅରାଜକତା ଚରମ ସୀମାରେ

- ଜାମେରେ ଅଟକୁଛି ଆମ୍ବୁଲାନ୍ସ
- ଦୁର୍ଘଟଣା ପୂର୍ବରୁ କଠୋର ପଦକ୍ଷେପ ପାଇଁ ଜନଦାବି



**ଫୁଲନଖରା,୨୦।୫ :** ପାହାଳ ଥାନା ଅନ୍ତର୍ଗତ ଫୁଲନଖରା–ନିଆଳି ମୁଖ୍ୟ ସଡ଼କରେ ଅବସ୍ଥିତ ତ୍ରିନାଥ ବଜାର ବର୍ତ୍ତମାନ ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ଯାତାୟାତ କେନ୍ଦ୍ର ଭାବେ ପରିଚିତ । ଏହି ସ୍ଥାନରୁ ମହିଧରପଡ଼ା–ଗୋବିନ୍ଦପୁର ରାସ୍ତା ପ୍ରାୟ ୧୪ କିଲୋମିଟର ଏବଂ ଶଙ୍ଖତ୍ରାସ ରାସ୍ତା ପ୍ରାୟ ୭ କିଲୋମିଟର ଦୂରତାରେ ସଂଯୁକ୍ତ ହୋଇଥିବାରୁ ଏହା ଅନେକ ଗ୍ରାମ ଓ ବ୍ୟବସାୟିକ ଅଞ୍ଚଳକୁ ସଂଯୋଗ କରୁଥିବା ମୁଖ୍ୟ ଜଙ୍କସନ୍ ଭାବେ କାମ କରୁଛି । ଫୁଲନଖରାରୁ ଅଡଶପୁର, ନିଆଳି, ଚାରିଛକ ଓ ଅସ୍ତରଙ୍ଗକୁ ଯିବା ପାଇଁ ଏହା ଏକମାତ୍ର ପ୍ରମୁଖ ସଡ଼କ ହେବାରୁ ପ୍ରତିଦିନ ଏହି ରାସ୍ତାରେ ହଜାର ହଜାର ଟ୍ରକ୍, ବସ୍, ସରକାରୀ ଯାନ, କାର୍, ମୋଟରସାଇକେଲ୍ ଓ ଅଟୋରିକ୍ସା ଚଳାଚଳ କରୁଛି । ସଡ଼କର ଗୁରୁତ୍ୱ ଦୃଷ୍ଟିରୁ ଏଠାରେ ସୁଚାରୁ ଟ୍ରାଫିକ୍ ପରିଚାଳନା ଅତ୍ୟନ୍ତ ଆବଶ୍ୟକ ବୋଲି ସ୍ଥାନୀୟବାସୀ ମତ ପ୍ରକାଶ କରିଛନ୍ତି । ବିଶେଷ କରି, ଗତ ପ୍ରାୟ ଷାଠିଏ ବର୍ଷ ଧରି ତ୍ରିନାଥ ବଜାରରେ ପ୍ରତି ସୋମବାର ଓ ଗୁରୁବାର ସାପ୍ତାହିକ ହାଟ ହୋଇଥାଏ । ଏହି ହାଟକୁ ଆଖପାଖରୁ ୫୦ରୁ ଅଧିକ ଗ୍ରାମର ଚାଷୀମାନେ ନିଜେ ଉତ୍ପାଦିତ ପନିପରିବା ଓ କୃଷିଜାତ ସାମଗ୍ରୀ ବିକ୍ରି ପାଇଁ ଆସନ୍ତି । ସେହିପରି ଶତାଧିକ ଖରିଦଦାର ସନ୍ଧ୍ୟା ସମୟରେ ହାଟକୁ ଆସିବାରୁ ବଜାର ଅଞ୍ଚଳରେ ଭିଡ଼ ଅସାଧାରଣ ଭାବେ ବଢ଼ିଯାଏ । ପ୍ରତି ସୋମବାର ଓ ଗୁରୁବାର ସନ୍ଧ୍ୟା ୫ଟାରୁ ରାତି ୭ଟା ପର୍ଯ୍ୟନ୍ତ ବଜାର ଚାରିପାଖରେ ଅତ୍ୟଧିକ ଜନସମାଗମ ହେଉଥିବା ବେଳେ, ଅନେକ ଲୋକ ନିଜ ଗାଡ଼ିକୁ ରାସ୍ତାକଡ଼ରେ ଅବ୍ୟବସ୍ଥିତ ଭାବେ ରଖିଦେଇଥାନ୍ତି । ଫଳରେ ମୁଖ୍ୟ ସଡ଼କର ଦୁଇ ପାର୍ଶ୍ୱ ସଂକୀର୍ଣ୍ଣ ହୋଇ ଭାରୀ ଯାନବାହନ ଓ ଚାରିଚକିଆ ଯାନ ଚଳାଚଳରେ ଗୁରୁତର ବାଧା ସୃଷ୍ଟି ହୁଏ । ପ୍ରାୟ ପ୍ରତି ହାଟ ଦିନରେ ଏଠାରେ ଦୀର୍ଘ ସମୟ ଧରି ଟ୍ରାଫିକ୍ ଜାମ୍ ସୃଷ୍ଟି ହେଉଥିବାରୁ ସାଧାରଣ ଯାତ୍ରୀମାନେ ନାନା ସମସ୍ୟାର ସମ୍ମୁଖୀନ ହୁଅନ୍ତି । ସବୁଠାରୁ ଚିନ୍ତାଜନକ ବିଷୟ ହେଲା, ମହିଧରପଡ଼ା ଡାକ୍ତରଖାନାକୁ ଯାଉଥିବା ଆମ୍ବୁଲାନ୍ସ କିମ୍ବା ଜରୁରୀକାଳୀନ ରୋଗୀବାହୀ ଯାନମାନେ ମଧ୍ୟ ଏହି ଜାମ୍ରେ ଅଟକିଯାଉଛନ୍ତି । ଏପରି ପରିସ୍ଥିତି ଯେକୌଣସି ସମୟରେ ଗୁରୁତର ଅପରିହାର୍ଯ୍ୟ ପରିଣାମ ଆଣିପାରେ ବୋଲି ସ୍ଥାନୀୟବାସୀ ଆଶଙ୍କା ବ୍ୟକ୍ତ କରିଛନ୍ତି । ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ସ୍ଥାୟୀ ଟ୍ରାଫିକ୍ ପୋଷ୍ଟ ସ୍ଥାପନ, ହାଟ ଦିନରେ ପୋଲିସ ନିୟୋଜନ, ନୋ-ପାର୍କିଂ ଜୋନ୍ ଘୋଷଣା ଏବଂ ସୁନିୟୋଜିତ ପାର୍କିଂ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏହି ପ୍ରସଙ୍ଗରେ ସମାଜସେବୀ ଲଳିତ କୁମାର ଦାଶ, ପ୍ରଶାନ୍ତ କୁମାର ଦାଶ , ବିଜୟ କୁମାର ମହାପାତ୍ର, ଅମିତ କୁମାର ପରିଜା, ସୁରେନ୍ଦ୍ରନାଥ ଛୋଟରାୟ, ଯୁଧିଷ୍ଠିର ପରିଜା, ଅଜୟ କୁମାର ବେଉରା, ଯୁବସଂଗଠକ କଳ୍ପତରୁ ଖୁଣ୍ଟିଆ, ଅଶୋକ କୁମାର ରଥ, ଶୈଳଜାନନ୍ଦ ସାହୁ, ନଗରୀ ସରପଞ୍ଚ ନରୋତ୍ତମ ଦାସ, ନଳିନୀ କାନ୍ତ ପଟ୍ଟନାୟକ ଏବଂ ଜଗନ୍ନାଥପୁର ସରପଞ୍ଚ ବିଶ୍ୱଜିତ ଭୋଇ ସହ ଅନେକ ସ୍ଥାନୀୟ ନାଗରିକ ଭୁବନେଶ୍ୱର ଡିସିପି ଓ ପୋଲିସ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରି ଶୀଘ୍ର କାର୍ଯ୍ୟକାରୀ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ।

# ଚଳିତ ବର୍ଷ ଦଶମଶ୍ରେଣୀ ପରୀକ୍ଷାରେ ୧୭ଜଣ ଟପ୍ପର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**କୋଟପାଡ,୨୦।୫ :** ଚଳିତବର୍ଷ ଦଶମଶ୍ରେଣୀ ପରୀକ୍ଷାରେ କୋଟପାଡ଼ ବ୍ଲକର ଉତୀର୍ଣ୍ଣ ୧୭ଜଣ ଛାତ୍ରଛାତ୍ରୀମାନଙ୍କୁ ଆଜି କୋଟପାଡ଼ ପଟେଲ ହାଉସ ଠାରେ କୋଟପାଡ଼ ଚାମ୍ବର ଅଫ କୋମର୍ସ ଓ ବି ଶଙ୍କର ରାଓଙ୍କ ଆନୁକୂଲ୍ୟରେ ମୁଖ୍ୟ ଅତିଥି ଜୟପୁର ବିଧାୟକ ଶ୍ରୀଯୁକ୍ତ ତରା ପ୍ରସାଦ ବାଇନପତି,ବିକ୍ରମଦେବ ୟୁନିଭର୍ସିଟି ରେଜିଷ୍ଟ୍ରରେର ମହେଶ୍ୱର ଚନ୍ଦ୍ର ନାୟକ, ମୁଖ୍ୟ ବକ୍ତା ଭାବରେ କୋରାପୁଟ ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୋଇଙ୍କ କର କମଳରେ ସନ୍ମାନିତ କରାଯାଇଥିଲା, ଆଜିର ଏହି କାର୍ଯ୍ୟକ୍ରମରେ କୋଟପାଡ଼ ଅଞ୍ଚଳର ସମସ୍ତ ବୁଦ୍ଧିଯିବି, ଛାତ୍ରଛାତ୍ରୀ ମାନଙ୍କ ଅଭିଭାବକ,ସମସ୍ତ ମାନ୍ୟଗଣ ବ୍ୟକ୍ତି ଓ ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ, ବରିଷ୍ଠ ଓକିଲ ପଙ୍କଜ ପାତ୍ର, ଭାରତ ମିଡ଼ିଆ ଆସସେସିୟନ ସଭାପତି ଅଜୟ କୁମାର ମିଶ୍ର,ଉପସଭାପତି ସୁନୀଲ ଦାସ,ସଦସ୍ୟ ସୁଧୀର ବରାଳ,ବିଜୟ ମିଶ୍ର,ସୁଶାନ୍ତ ଦାସ,ଭବାନୀ ପାଢ଼ୀ,ରାଜ ଶେଖର ରାଓ ଓ ସମସ୍ତ ମିଡ଼ିଆ ବନ୍ଧୁମାନେ ଉପସ୍ଥିତ ଥିଲେ,ବିଶେଷକରି ଆଜିର କାର୍ଯ୍ୟକ୍ରମରେ ସମସ୍ତ ଛାତ୍ର,ଛାତ୍ରୀ ମାନଙ୍କୁ ଭବିଷ୍ୟତ ଉଜ୍ଜଳ ଓ ସଦା ସର୍ବଦା ବାପା,ମା ଙ୍କ ନାମ ଆଗକୁ ନେଇ କୋଟପାଡ଼ ପାଇଁ ଗୌରବ ଆଣନ୍ତୁ ବୋଲି ଆଶୀର୍ବାଦ ପ୍ରଦାନ ସହିତ ଭୁୟସୀ ପ୍ରଶଂସା କରାଯାଇଥିବାର ଦେଖିବାକୁ ମିଳିଥିଲା,ଏହି କାର୍ଯ୍ୟକ୍ରମକୁ ଗଣେଶ ଚନ୍ଦ୍ର ପଣ୍ଡା,ସୁକାନ୍ତ ମିଶ୍ର ଓ ସଞ୍ଜୟ ପ୍ରହରାଜ ପରିଚାଳନା କରିଥିଲେ, ସୂଚନା ଥାଉକି ବି.ଶଙ୍କର ରାଓ ଜଣେ ପ୍ରସିଦ୍ଧ ବ୍ୟବସାୟୀ ହେବା ସାଥେ ସାଥେ ଗୋଟିଏ ସମାଜ ସେବୀ ଭାବେ କୋଟପାଡ଼ ଅଞ୍ଚଳ ବେଶ ଜଣାଶୁଣା, ବିଗତ ଦିନରେ ସ୍ୱଇଚ୍ଛାରେ ଗୋଟିଏ ସ୍ୱର୍ଗରଥ ଭେଟିଦେଇ କୋଟପାଡ଼ ଅଞ୍ଚଳ ପାଇଁ ସହଯୋଗ କରିଥିବା ବେଳେ,ଚଳିତ ବର୍ଷ ଗୋଟିଏ ଅଭିନୟ ପ୍ରୟାସରେ ଏହିବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ଟପର ହୋଇଥିବା କୋଟପାଡ଼ ବ୍ଲକର ୧୭ଜଣ ଛାତ୍ର,ଛାତ୍ରୀ ମାନଙ୍କୁ ସିଲଡ଼,ମାନପତ୍ର ଓ ଲେପଟପ,ଟ୍ୱାଲେଟ ପରି ଉପହାର ସହିତ ସନ୍ମାନିତ ଅତିଥି ଜୟପୁର ବିଧାୟକ ଶ୍ରୀଯୁକ୍ତ ତାରା ପ୍ରସାଦ ବାଇନପତିଙ୍କ କରକମଳରେ ପ୍ରଦାନ କରାଯାଇଥିଲା,ବି ଶଙ୍କର ରାଓଙ୍କ ଏହିପରି ସାମାଜିକ ଚିନ୍ତାଧାରା ଓ ଉଚ୍ଚକୋଟିର ମନଭାବରେ ଚିନ୍ତାକରି ଉତୀର୍ଣ୍ଣ ହୋଇଥିବା ଛାତ୍ର,ଛାତ୍ରୀ ମାନଙ୍କୁ ସନ୍ମାନିତ କରିଥିବାରୁ, ଉପସ୍ଥିତ ଅତିଥି, ଅଭିଭାବକ, ବୁଦ୍ଧିଜୀବୀ ସଦସ୍ୟ ବୃନ୍ଦ ଓ ସାମ୍ବାଦିକ ବନ୍ଧୁ ମାନେ ସମାଜସେବୀ ବି ଶଙ୍କର ରାଓ ଓ ସମାଜ ସେବୀ ଗଣେଶ ଚନ୍ଦ୍ର ପଣ୍ଡା ଙ୍କୁ ଭୁୟସୀ ପ୍ରଶଂସା କରିଥିବାର ଦେଖିବାକୁ ମିଳିଥିଲା, ଆଜିର ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମରେ ଶିକ୍ଷକ ପଙ୍କଜ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ ।

# ସାଗର କଲେଜ୍‌ର ୧୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ୯୦% ଉର୍ଦ୍ଧ୍ୱ ନମ୍ବର

## ସମସ୍ତେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ




**ବାଲେଶ୍ୱର,୨୦।୫ :** ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷା ଫଳାଫଳରେ ବାଲେଶ୍ୱରର ସାଗର କଲେଜ୍ ଉଲ୍ଲେଖନୀୟ ସଫଳତା ହାସଲ କରିଛି । କଲେଜ୍‌ର ୧୦ ଜଣରୁ ଅଧିକ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ମାର୍କ ରଖି କଲେଜ୍ ପାଇଁ ସୁନାମ ଅର୍ଜନ କରିଛନ୍ତି । କଲେଜ୍‌ର ଛାତ୍ରୀ ଦୀପ ଶିଖା ସାହୁ ସର୍ବମୋଟ ୫୭୯ ମାର୍କ ରଖି କଲେଜ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଯାଜ୍ଞଶ୍ରୀ ମହାଳିକ ୫୭୮ ମାର୍କ ସହ ଦ୍ୱିତୀୟ ଏବଂ ମନ୍ଦାକିନୀ ମଲ୍ଲିକ ୫୬୬ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।ଏହି ବର୍ଷର ସବୁଠାରୁ ଗୌରବର ବିଷୟ ହେଉଛି, ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ କଲେଜ୍‌ର ସଫଳତାରେ ନୂଆ ଅଧ୍ୟାୟ ଯୋଡ଼ିଛନ୍ତି । ଏହି ଅବସରରେ କଲେଜ୍‌ର ଡାଇରେକ୍ଟର ସନତ କୁମାର ଦାସ ଓ ପ୍ରିନ୍ସିପାଲ୍ ଡା. ଚିନ୍ମୟୀ ପାଣି ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ସେମାନେ ଅଭିଭାବକ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ମଧ୍ୟ ଏହି ସଫଳତା ପାଇଁ ଅଭିବାଦନ ଜଣାଇଛନ୍ତି ।

# ଦେଶୀ-ବିଦେଶୀ ମଦ ଜବତ, ୧୦ ଗିରଫ



**ବାଲେଶ୍ୱର,୨୦।୫ :** ବାଲେଶ୍ୱର ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଏବଂ ଭ୍ରାମ୍ୟମାଣ ଅବକାରୀ ବିଭାଗ ନିରୀକ୍ଷକ ହରିହର ସିଂ ଓ ନୀଳଗିରି ଅବକାରୀ ନିରୀକ୍ଷକ କେଶବ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଓ ବାଲେଶ୍ୱର ସଦର-୨ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଭବେଶ ଦାସଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା । ଏହି ଟିମ୍ ?ରେ ଏପିଆର ଫୋର୍ସ ଓ ଅବକାରୀ ବିଭାଗର କର୍ମଚାରୀମାନେ ସାମିଲ ଥିଲେ । ସିମୁଳିଆ ଥାନା ଅନ୍ତର୍ଗତ ମଇତାପୁର, ଅନ୍ତରା ବଜାର, ବାଲିଖଣ୍ଡ ବଜାର, ଜାମୁଝାଡ଼ି ବଜାର ଏବଂ ସୋର ଥାନା ଅନ୍ତର୍ଗତ ବାଗୁଡ଼ି, ମହୁମୁହାଣ ଓ ଗୁଡ଼ିଖୋଲା ଗ୍ରାମରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ୮୫୦ ଲିଟର ଦେଶୀ ମଦ, ୧୭.୨୮୦ ଲିଟର ବିଦେଶୀ ମଦ ଏବଂ ୫୨ ଲିଟର ବିୟର ଜବତ କରାଯାଇଥିଲା । ଏହି ଘଟଣାରେ ସମ୍ପୃକ୍ତ ଥିବା ମୋଟ ୧୦ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।ଗିରଫ ବ୍ୟକ୍ତିମାନେ ହେଲେ — ଅନ୍ତରା ଗ୍ରାମର କେଶବ ସାହାଣୀ ଓ ଜଗନ୍ନାଥ ପଲେଇ, ମଇତାପୁର ଗ୍ରାମର କମଳାକାନ୍ତ ଶିଅଳ ଓ ଶଙ୍କର୍ଷଣ ଶିଅଳ, ପୁରୁଷୋତ୍ତମପୁର ଗ୍ରାମର ମନୋରଞ୍ଜନ ନାୟକ, ଜାମୁଝାଡ଼ି ଗ୍ରାମର ତପନ କୁମାର ଆରୁଖ, ମହୁମୁହାଣ ଗ୍ରାମର ସୋମନାଥ ମହାନ୍ତି, ଗୁଡ଼ିଖୋଳା ଗ୍ରାମର ଟିଲୁ ଭକ୍ତ ଏବଂ ବାଗୁଡ଼ି ଗ୍ରାମର ଗଙ୍ଗା ସିଂ ଓ ଆଦିକନ୍ଦ ସାହୁ । ଏନେଇ ଭ୍ରାମ୍ୟମାଣ ସ୍କ୍ୱାଡ୍, ଖଇରା ଓ ସୋର ଆଦର୍ଶ ଅବକାରୀ ଥାନା ପକ୍ଷରୁ ମୋଟ ୧୦ଟି ମାମଲା ରୁଜୁ କରାଯାଇଛି ।

# ଯୁବକଙ୍କୁ ତଣ୍ଟିକାଟି ହତ୍ୟା ଘଟଣା : ୨ ମାସ ପରେ ବି ହାତ ଖାଲି

## ଅପରାଧୀଙ୍କୁ ଧରିପାରିଲାନି ବାଲେଶ୍ୱର ପୋଲିସ



**ବାଲେଶ୍ୱର,୨୦।୫ :** ମାତ୍ର ୩ ହଜାର ଟଙ୍କା ପାଇଁ ଜଣେ ଯୁବକଙ୍କୁ ନିର୍ମମ ଭାବେ ତଣ୍ଟିକାଟି ହତ୍ୟା କରାଯାଇଥିବା ଘଟଣାକୁ ନେଇ ଦୁଇ ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅପରାଧୀ ପୁଲିସ ହାତରେ ପହଞ୍ଚିପାରିନାହାନ୍ତି । ଏହି ଘଟଣା ବାଲେଶ୍ୱର ସହରରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ମୃତକ ହେଲେ ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଦୁର୍ଗାପୁର ଅଞ୍ଚଳର ଗୋପାଳ ସିଂହ (୩୫) । ଗତ ମାର୍ଚ୍ଚ ୨୩ ତାରିଖ ବିଳମ୍ବିତ ରାତିରେ ବାଲେଶ୍ୱର ଷ୍ଟେସନଛକ ନିକଟରେ ତାଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର ହୋଇଥିଲା । ହତ୍ୟା ଘଟଣାକୁ ଦୁଇ ମାସରୁ ଅଧିକ ସମୟ ବିତିଯାଇଥିବା ସତ୍ତ୍ୱେ ଆଦର୍ଶ ଥାନା ପୁଲିସ ଏପର୍ଯ୍ୟନ୍ତ ଅପରାଧୀଙ୍କୁ ଚିହ୍ନଟ କିମ୍ବା ଗିରଫ କରିପାରିନାହିଁ । ଫଳରେ ପରିବାର ଲୋକେ ନ୍ୟାୟ ଅପେକ୍ଷାରେ ରହିଛନ୍ତି ।ସୂଚନା ଅନୁଯାୟୀ, ଗୋପାଳଙ୍କ ସ୍ତ୍ରୀ ସୀତାମଣି ସିଂହ ଟ୍ୟୁମର ଅସ୍ତ୍ରୋପଚାର ପାଇଁ ସହଦେବଖୁଣ୍ଟା ଥାନା ଅଞ୍ଚଳର ଏକ ନର୍ସିଂହୋମ୍ ?ରେ ଭର୍ତ୍ତି ହୋଇଥିଲେ । ସ୍ତ୍ରୀଙ୍କ ସହ ରହିବା ପାଇଁ ଗୋପାଳ ବାଲେଶ୍ୱରକୁ ଆସିଥିଲେ । ତାଙ୍କ ପାଖରେ ଥିବା ପ୍ରାୟ ୩ ହଜାର ଟଙ୍କା ଲୁଟିବା ଉଦ୍ଦେଶ୍ୟରେ ହତ୍ୟା କରାଯାଇଥିବା ନେଇ ମୃତକଙ୍କ ଭାଉଜ ଲିଜା ସିଂହ ଅଭିଯୋଗ କରିଥିଲେ । ତେବେ ଅଭିଯୋଗ ପରେ ପୁଲିସ କେବଳ ମାମଲା ରୁଜୁ କରି ତଦନ୍ତକୁ ସୀମିତ ରଖିଥିବା ଅଭିଯୋଗ ହେଉଛି । ଏପର୍ଯ୍ୟନ୍ତ ହତ୍ୟାକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇନଥିବାବେଳେ ଅପରାଧୀଙ୍କୁ ଧରିବାରେ ପୁଲିସର ବିଫଳତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି । କେବେ ଗୋପାଳଙ୍କ ପରିବାରକୁ ନ୍ୟାୟ ମିଳିବ, ସେନେଇ ଏବେ ସବୁଠି ଚର୍ଚ୍ଚା ଚାଲିଛି ।

# ଆରକେଏସର ନୂତନ ସଦସ୍ୟ ହେଲେ ସମାଜସେବୀ କଳ୍ପତରୁ ଖୁଣ୍ଟିଆ

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିକାଶ ପାଇଁ ନିଷ୍ଠାର ସହ କାମ କରିବାକୁ ଦେଲେ ପ୍ରତିଶ୍ରୁତି



**ଫୁଲନଖରା,୨୦।୫ :** ସଦର ଥାନା ଅନ୍ତର୍ଗତ ନଗରୀ ଅଞ୍ଚଳର ଜଣାଶୁଣା ସମାଜସେବୀ, ସୁସଂଗଠକ, ମାନବାଧିକାର କର୍ମୀ ତଥା ବିଜେପିର ଯୁବ ସଂଗଠକ କଳ୍ପତରୁ ଖୁଣ୍ଟିଆଙ୍କୁ ମହାଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତି (ଆରକେଏସ) ର ନୂତନ ସଦସ୍ୟ ଭାବେ ମନୋନୀତ କରାଯାଇଛି । ନିଆଳି ବିଧାୟକ ଇଂ ଛବି ମଲ୍ଲିକଙ୍କ ସୁପାରିସ କ୍ରମେ ତାଙ୍କୁ ଏହି ସମ୍ମାନଜନକ କମିଟିରେ ସ୍ଥାନ ମିଳିଥିବା ଜଣାପଡ଼ିଛି । ଏହି ନିଯୁକ୍ତି ପରେ ଅଞ୍ଚଳରେ ଖୁସିର ମାହୋଲ ସୃଷ୍ଟି ହୋଇଥିବାବେଳେ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଯୁବ ସଂଗଠନ ପକ୍ଷରୁ ଶ୍ରୀ ଖୁଣ୍ଟିଆଙ୍କୁ ଅଭିନନ୍ଦନର ସୁଅ ଛୁଟିଛି । କଳ୍ପତରୁ ଖୁଣ୍ଟିଆ ଦୀର୍ଘଦିନ ଧରି ସମାଜସେବା, ଯୁବ ସଂଗଠନ, ରକ୍ତଦାନ ଶିବିର, ଗରିବ ଓ ଅସହାୟଙ୍କ ସହାୟତା, ପରିବେଶ ସୁରକ୍ଷା ଓ ମାନବାଧିକାର କ୍ଷେତ୍ରରେ ସକ୍ରିୟ ଭାବେ କାର୍ଯ୍ୟ କରିଆସୁଛନ୍ତି । ସାଧାରଣ ଲୋକଙ୍କ ସମସ୍ୟାକୁ ନେଇ ସରକାରୀ ସ୍ତରରେ ନିରନ୍ତର ସ୍ୱର ଉଠାଇବା ସହିତ ସମାଜର ଉନ୍ନତି ପାଇଁ ତାଙ୍କର ନିଷ୍ଠାପୂର୍ଣ୍ଣ ପଦକ୍ଷେପ ସବୁବେଳେ ପ୍ରଶଂସା ସାଉଁଟିଛି । ଏହି କାରଣରୁ ତାଙ୍କୁ ଆରକେଏସ ଭଳି ଗୁରୁତ୍ୱପୂର୍ଣ୍ଣ କମିଟିରେ ସ୍ଥାନ ଦିଆଯାଇଥିବାକୁ ବୁଦ୍ଧିଜୀବୀ ମହଲ ସ୍ୱାଗତ କରିଛନ୍ତି । ଏହି ଅବସରରେ ମହାଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡାକ୍ତର ସୁଭାଷଚନ୍ଦ୍ର ଗୋଚ୍ଛାୟତ ଶ୍ରୀ ଖୁଣ୍ଟିଆଙ୍କୁ ଅଭିନନ୍ଦନ ଜଣାଇଥିଲେ । ସେ କହିଥିଲେ ଯେ, ସ୍ୱାସ୍ଥ୍ୟକେନ୍ଦ୍ରର ସର୍ବାଙ୍ଗୀନ ବିକାଶ, ରୋଗୀ ସେବାର ମାନ ଉନ୍ନତି ଓ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସୁବିଧା ବୃଦ୍ଧି ଦିଗରେ ଶ୍ରୀ ଖୁଣ୍ଟିଆଙ୍କ ସହଯୋଗ ନିଶ୍ଚୟ ମିଳିବ ବୋଲି ଆଶା କରାଯାଉଛି । ଜଣେ ସକ୍ରିୟ ସମାଜସେବୀ ଭାବେ ତାଙ୍କର ଅନୁଭବ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରଶାସନିକ ଓ ସାମାଜିକ କାର୍ଯ୍ୟକଳାପରେ ନୂଆ ଦିଗ ଆଣିବ ବୋଲି ମଧ୍ୟ ସେ ମତ ପ୍ରକାଶ କରିଥିଲେ । ଅନ୍ୟପକ୍ଷରେ ଯୁବ ଜାଗ୍ରତ ମଞ୍ଚ, ପ୍ରାଚୀ ପ୍ରଜ୍ଞା ପରିଷଦ, ସିଦ୍ଧେଶ୍ୱର ଯୁବକ ସଂଘ, ଚିନ୍ତାମଣି ପରିବେଶ ସମିତି, କପିଳେନ୍ଦ୍ରଦେବ ଉନ୍ନୟନ ପରିଷଦ ଓ ଶ୍ରୀଜଗନ୍ନାଥ ଆଧ୍ୟାତ୍ମିକ ଚେତନା ପରିଷଦ ସହିତ ବହୁ ସାମାଜିକ ସଂଗଠନ ଓ ଅଞ୍ଚଳବାସୀ ଶ୍ରୀ ଖୁଣ୍ଟିଆଙ୍କ ନିଯୁକ୍ତିକୁ ସ୍ୱାଗତ କରିଛନ୍ତି । ସମସ୍ତେ ଆଶା ପ୍ରକାଶ କରିଛନ୍ତି ଯେ, ତାଙ୍କ ନେତୃତ୍ୱ ଓ ସକ୍ରିୟ ଭୂମିକା ଫଳରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ସହ ରୋଗୀ ସେବାରେ ଅଧିକ ଉନ୍ନତି ଆସିବ । ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କଳ୍ପତରୁ ଖୁଣ୍ଟିଆ କହିଥିଲେ ଯେ, ଅଞ୍ଚଳର ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟା ଓ ସାଧାରଣ ଲୋକଙ୍କ ଆବଶ୍ୟକତାକୁ ସେ ସର୍ବାଧିକ ଗୁରୁତ୍ୱ ଦେବେ ।

# ପଞ୍ଜୀକୃତ ସୋସାଇଟିଗୁଡ଼ିକ ନବୀକରଣ ପ୍ରକ୍ରିୟା ସରଳିକରଣ ପାଇଁ ଦାବି

**ବାଲେଶ୍ୱର,୨୦।୫ :** ୧୮୬୦ ମସିହା ସୋସାଇଟି ଆଇନରେ ପଞ୍ଜୀକୃତ ହୋଇଥିବା ସଂଗଠନଗୁଡ଼ିକର ନବୀକରଣ ପାଇଁ ରାଜସ୍ୱ ବୋର୍ଡ଼ ପକ୍ଷରୁ ଗତ ମାର୍ଚ୍ଚ ୯ ତାରିଖ ଦିନ ଏକ ବିଜ୍ଞାପନ ପ୍ରକାଶ ପାଇଥିଲା । ଚଳିତ ମଇମାସ ୨୦ ତାରିଖର ୫ ବର୍ଷ ପୂର୍ବରୁ ପଞ୍ଜୀକୃତ ହୋଇଥୁବା ରଥୁବା ସମସ୍ତ ସୋସାଇଟିଗୁଡ଼ିକ ନବୀକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ନବୀକରଣ ପାଇଁ ପଞ୍ଜୀକରଣର ପ୍ରମାଣପତ୍ର, ସଂଘର ତତ୍‌କାଳୀନ ସ୍ମାରକପତ୍ର ଓ ବାଇ-ଲ'ର ସାର୍ଟିଫାଏଡ୍ ନକଲ ଦାଖଲ ପାଇଁ ବିଜ୍ଞାପନରେ ନିର୍ଦ୍ଦେଶ ଦିଆଯାଇଥୁଲା । ସଂଘର କର୍ମକର୍ତ୍ତାମାନେ ଜିଲ୍ଲାସ୍ତରରେ ରେଜିଷ୍ଟର ଅଫ୍ ସୋସାଇଟିର ଅଧିକାରୀ ଙ୍କୁ ଆବେଦନ କଲେ ମଧ୍ୟ ଏହି କାଗଜପତ୍ର ମିଳିପାରୁ ନାହିଁ । ଦୀର୍ଘବର୍ଷ ପୂର୍ବରୁ ପଞ୍ଜୀକୃତ ହୋଇଥୁବା । ସୋସାଇଟି ବା ସଂଘଗୁଡ଼ିକର କାଗଜପତ୍ର ଜିଲ୍ଲା ଦପ୍ତରରୁ ମିଳିପାରୁ ନଥୁବାରୁ ଏହି ପ୍ରକ୍ରିୟାକୁ ସରଳୀକରଣ ପାଇଁ ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ରାଜସ୍ୱ ବୋର୍ଡ଼ର ସେ ସୋସାଇଟି ପଞ୍ଜୀକରଣ ନିବନ୍ଧକଙ୍କୁ ଏକ ଆବେଦନପତ୍ର ପ୍ରଦାନ କରାଯାଇଛି । ଏହି ଆବେଦନ ପତ୍ରରେ ନବୀକ ନୀକରଣ ପ୍ରକ୍ରିୟା ସରଳିକରଣ ସହ ବିନା ଜରିମାନାରେ ଅଧୂକ ଛଅମାସ ସମୟସୀମା ବୃଦ୍ଧି କରିବାକୁ ଅନୁରୋଧ କରାଯାଇଛି ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati    Executive Editor : Satyajit Mohapatra    Managing Editor : Jitendra Ku. Pati